**ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ : ସିଡିପିଓଙ୍କୁ ମହିଳାଙ୍କ ଦାବିପତ୍ର ପ୍ରଦାନ**

ଏରସମା,(ସ୍ୱ.ପ୍ର.)-ଏରସମା ବ୍ଲକ ଆମ୍ବିକି ପଞ୍ଚାୟତସ୍ଥିତ ମହୁଆପଡ଼ା ଗ୍ରାମରେ ୨୨ ବର୍ଷ ହେବ ଅଙ୍ଗନୱାଡ଼ି କେନ୍ଦ୍ର ସ୍ଥାପନ କରାଯାଇଛି। ମାତ୍ର କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ପିଲାମାନେ ଖରା ବର୍ଷାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ କେନ୍ଦ୍ରର ସହାୟିକାମାନେ ବିଭିନ୍ନ ସମୟରେ ଛତୁଆ ଓ ଅଣ୍ଡା ବଣ୍ଟନ କରିବାକୁ ଯାଇ ସମସ୍ୟାରେ ପଡୁଛନ୍ତି। ତୁରନ୍ତ ଏସବୁ ସମସ୍ୟାର ସମାଧାନ କରିବାକୁ ଭାବିଲତା ଶୁକ୍ଳା, ବିଦ୍ୟୁଲତା ସେଠି, ବାସନ୍ତି ରାଉତ, ମାଳତୀ ରାଉତ, ମିନାରାଣୀ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି। ଏନେଇ ସେମାନେ ସୋମବାର ସିଡିପିଓଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ବଜ୍ରପାତରେ ଇଞ୍ଜିନିୟରଙ୍କ ମୃତ୍ୟୁ

**ମହାକାଳପଡ଼ା,୧୯।୪(ଡି.ଏନ୍.ଏ.):** ରବିବାର ରାତିରେ ହଠାତ୍ କାଳବୈଶାଖୀ ତାଣ୍ଡବରେ ବର୍ଷା ସହ ବଜ୍ରପାତ ଘଟିଥିଲା। ବଜ୍ରପାତରେ ମହାକାଳପଡ଼ା ବ୍ଲକ ଅଧୀନ ଜମ୍ବୁ ସାମୁଦ୍ରିକ ଥାନା ବଉଳକଣି ପଞ୍ଚାୟତର ବେତବେଲାରୀ ଗାଁର ଯୁବ ଇଞ୍ଜିନିୟର ନନ୍ଦଲାଲ୍ ମଣ୍ଡଳ(୨୪) ମୃତ୍ୟୁ ଘଟିଛି। ସେ ନିଜ ଘର ନିକଟ ଚିଙ୍ଗୁଡ଼ି ଘେରି ଏକ ଚାଳ ଘରେ ମୋବାଇଲ ଫୋନରେ ଗପୁଥିବା ବେଳେ ହଠାତ୍ ବଜ୍ରପାତରେ ଯୋଗୁ ସେଠାରେ ଚେତାଶୂନ୍ୟ ହୋଇ ଯାଇଥିଲେ। ପରେ ପରିବାର ଓ ସ୍ଥାନୀୟ ଲୋକ ନନ୍ଦଲାଲଙ୍କୁ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତଦେହକୁ ଡାକ୍ତରଖାନାରେ ବ୍ୟବଚ୍ଛେଦ ନ କରି ପରିବାର ଲୋକେ ଗ୍ରାମ ଶ୍ମଶାନ ସଂସ୍କାର କରି ଦେଇଛନ୍ତି। ମୃତ ନନ୍ଦଲାଲ ବେଙ୍ଗାଲୋରର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। କରୋନା ଯୋଗୁ ଦୁଇ ସପ୍ତାହ ହେବ ଗାଁକୁ ଆସିଥିଲେ। ଏ ନେଇ ଜମ୍ବୁ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ମହେଶ୍ୱର ସେଠୀ କହିଛନ୍ତି।

### ଫାଣ୍ଡିରେ ବ୍ରାଉନ୍‌ସୁଗାର ଅଭିଯୁକ୍ତଙ୍କ ବାଇକ୍ ପୋଡ଼ି

**ବାଲିକୁଦା,୧୯।୪(ସ୍ୱ.ପ୍ର.):** ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅଧୀନ ବ୍ରାହ୍ମଣଡିହି ଗାଁରେ ବ୍ରାଉନ୍‌ସୁଗାର ବେପାର କରୁଥିବା ଅଭିଯୋଗ କରି ସ୍ଥାନୀୟ ଅଞ୍ଚଳର କେତେ ଜଣ ଯୁବକ ସୋମବାର ଉକ୍ତ ଗ୍ରାମର ବାବୁ ପଣ୍ଡାଙ୍କ ଘରକୁ ଧମକ ଦେବାକୁ ଯାଇଥିଲେ। ଏହି ସମୟରେ ବାବୁ ଓ ତାଙ୍କ ପରିବାର ସଦସ୍ୟଙ୍କ ଆକ୍ରମଣରେ ୧୦ ଜଣ ଆହତ ହୋଇଛନ୍ତି। ପ୍ରତିବାଦରେ ଗ୍ରାମବାସୀ ଫାଣ୍ଡିକୁ ଯାଇ ସେଠାରେ ଅଭିଯୋଗ କରିବା ସହ ବାବୁଙ୍କ ଘରୁ ବାଇକ ଉଠାଇ ଆଣି ଫାଣ୍ଡି ସମ୍ମୁଖରେ ଜାଳି ଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୯ ତାରିଖରେ ବାବୁ ବ୍ରାଉନସୁଗାର କାରବାର କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳର ଯୁବକମାନେ ତାଙ୍କୁ ଧରି ପୋଲିସରେ ଖବର ଦେଇଥିଲେ। ପୋଲିସ ବିଳମ୍ବରେ ପହଞ୍ଚିଥିବାରୁ ବାବୁ କୌଶଳ କ୍ରମେ ସେଠାରୁ ଖସି ଯାଇଥିଲେ। ଏହା ପ୍ରତିବାଦରେ ସ୍ଥାନୀୟ ଯୁବ ଗୋଷ୍ଠୀ ଅନନ୍ତପୁର ଫାଣ୍ଡି ଘେରାଉ କରିଥିଲେ। ୭ ଦିନ ମଧ୍ୟରେ ଅଭିଯୁକ୍ତ ବାବୁଙ୍କୁ ଗିରଫ କରାଯିବ ବୋଲି ବାଲିକୁଦା ଥାନା ଅଧିକାରୀ ସର୍ବେଶ୍ୱର ବେହେରା ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନାହିଁ। ୨ ଦିନ ପୂର୍ବେ ଦୁର୍ଘଟଣାର ଶିକାର ହୋଇ ନଲରାର ପପୁ ସ୍ୱାଇଁଙ୍କ ମୃତ୍ୟୁ ଘଟିଥିଲା। ବ୍ରାଉନ୍ ସୁଗାର ସେବନ କାରଣରୁ ଏପରି ଦୁର୍ଘଟଣା ଘଟିଥିବା ନେଇ କେତେଜଣ ଯୁବକ ଅଭିଯୋଗ କରିଥିଲେ। ଏନେଇ ସେମାନେ ବାବୁଙ୍କୁ ଦାୟୀ କରି ପଚରାଉଚୁରା କରିବାକୁ ତାଙ୍କ ଘରକୁ ଯାଇଥିଲେ। ମାତ୍ର ସେମାନଙ୍କୁ ଆକ୍ରମଣ କରାଯାଇଥିଲା ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଅପରପକ୍ଷେ ବାବୁଙ୍କ ସ୍ତ୍ରୀ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କୁ ଟଣାଓଟଣା କରାଯାଇଛି ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଏହାପରେ ମାମଲା ରୁଜୁ କରାଯିବ ବୋଲି ଥାନା ଅଧିକାରୀ ସର୍ବେଶ୍ୱର କହିଛନ୍ତି।

### କୁକୁର କାମୁଡ଼ାରେ ହରିଣ ମୃତ



**ନାଉଗାଁ,୧୯।୪(ସ୍ୱ.ପ୍ର):** ନାଉଗାଁ ବ୍ଲକ ଅନ୍ତର୍ଗତ ବଛାଲୋଠାରେ ସୋମବାର କୁକୁର ଆକ୍ରମଣରେ ଗୋଟିଏ ହରିଣର ମୃତ୍ୟୁ ଘଟିଛି। ହରଣଟି ବଛାଲୋ ନିକଟ ଏକ ଧାନ ବିଲରେ ବୁଲୁଥିବା ବେଳେ ବୁଲା କୁକୁରମାନେ ଆକ୍ରମଣ କରିଥିଲେ। ପ୍ରାଣ ବିକଳରେ ହରଣଟି ଜମି ମଝିରେ ଥିବା ଏକ ପମ୍ପ ହାଉସ ଭିତରେ ପଶିଯାଇଥିଲା। ସେଠାରେ ମଧ କୁକରମାନେ ପଶି ତାକୁ ଆକ୍ରମଣ କରି ଗୁରୁତର କରିଥିଲେ। ସ୍ଥାନୀୟ ଲୋକେ ହରିଣକୁ ସେଠାରୁ ଉଦ୍ଧାର କରି ପ୍ରାଣୀ ଚିକିତ୍ସାଳୟ ଡାକ୍ତରଙ୍କ ସହ ଯୋଗାଯୋଗ କରିଥିଲେ। ମାତ୍ର ଡାକ୍ତର ଆସିବା ପୂର୍ବରୁ ହରିଣର ମୃତ୍ୟୁ ଘଟିଛି। ଖବରପାଇ କୁଜଙ୍ଗ ବନଖଣ୍ଡ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହରିଣର ମୃତଦେହ ଜବତ କରିଛନ୍ତି। ବାଲିକୁଦା ବ୍ଲକର ମାଛଗାଁଠାରେ ମୃତ ହରିଣର ବ୍ୟବଚ୍ଛେଦ କରାଯାଇ ତାକୁ ପୋତି ଦିଆଯିବ ବୋଲି ବନବିଭାଗ ସୂତ୍ରରୁ ପ୍ରକାଶ।

# ବଢୁଛି ସଂକ୍ରମଣ, ଫାଇଦାରେ ବ୍ୟବସାୟୀ

**କେନ୍ଦ୍ରାପଡ଼ା ଅଫିସ, ୧୯।୪**

**କରୋନା ରୋଗ ପ୍ରତିରୋଧକ ସାମଗ୍ରୀର ବିକ୍ରି ବୃଦ୍ଧି**



କୋଭିଡ୍-୧୯ର ଦ୍ୱିତୀୟ ଲହର କେନ୍ଦ୍ରାପଡ଼ା ଜିଲାରେ ଆରମ୍ଭ ହୋଇଯାଇଛି। ଗତ ୧୩ ତାରିଖରୁ ଅଦ୍ୟାବଧି କରୋନା ସଂକ୍ରମଣ ଗ୍ରାଫ୍ ଉପରମୁହାଁ ହୋଇଛି। ୬ ଦିନ ମଧ୍ୟରେ ଜିଲାର ଆକ୍ରାନ୍ତଙ୍କ ସଂଖ୍ୟାରେ ୧୬୪ ମିଶି ମୋଟ ୯,୩୫୬ ହୋଇଛି। ଗୋଟିଏ ପାର୍ଶ୍ୱରେ କରୋନା ସଂକ୍ରମଣ ଜିଲାବାସୀଙ୍କ ଆତଙ୍କ ସାଜିଥିବା ବେଳେ କୋଭିଡ ସାମଗ୍ରୀ ବ୍ୟବସାୟୀ ଖୁସି ହୋଇଛନ୍ତି। ବିଶେଷକରି ମାସ୍କ, ସାନିଟାଇଜର ଓ ଅନ୍ୟାନ୍ୟ ପ୍ରତିଷେଧକ ସାମଗ୍ରୀର ବିକ୍ରି ବୃଦ୍ଧି ହୋଇଛି। ସେହିପରି ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ବିଭିନ୍ନ ଔଷଧ ଓ ଚ୍ୟବନପ୍ରାସ ବଜାରରେ ଅଭାବ ଦେଖାଗଲାଣି। କେନ୍ଦ୍ରାପଡ଼ା ଜିଲାରେ ୨୦୨୦ ଏପ୍ରିଲ ୭ରେ ପ୍ରଥମ କରୋନା ସଂକ୍ରମଣ ଜନିତ ରୋଗୀ ଆଳି ଅଞ୍ଚଳରୁ ଚିହ୍ନଟ ହୋଇଥିଲେ। ଏହାପରେ କରୋନା ସଂକ୍ରମଣ ବୃଦ୍ଧି ପାଇଥିଲା। ଏପରିକି ସେହିବର୍ଷ ସେପ୍ଟେମ୍ବର ୧୩ରେ ଜିଲାରେ ୧୫୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ। ଏହାପରେ ଜିଲାରେ ଏକପ୍ରକାର ଆତଙ୍କ ସୃଷ୍ଟି ହୋଇଥିଲା। ଜନତା କର୍ଫ୍ୟୁ, ଲକ୍ ଡାଉନ, ସଟ୍‌ଡାଉନ, କୋଭିଡ କଟକଣା ମଧ୍ୟରେ ଥିବା ଜିଲାବାସୀଙ୍କ ସୁରକ୍ଷା ପାଇଁ ଆବଶ୍ୟକ ମାସ୍କ, ସାନିଟାଇଜର, ଗ୍ଲୋଭସ ଆଦିର ଅଭାବ ଦେଖା ଦେଇଥିଲା। ଏହି ସମୟରେ ବ୍ୟବସାୟୀଙ୍କୁ ଦେଖି ବଡ ଓ ଛୋଟ ବ୍ୟବସାୟୀ କୋଭିଡ୍ ସାମଗ୍ରୀରେ ଗୋଦାମ ଘର ଭର୍ତ୍ତି କରିଥିଲେ। ତେବେ ୨୦୨୧ ଜାନୁୟାରୀରୁ କରୋନା ସଂକ୍ରମଣ ହ୍ରାସ ପାଇ ମାର୍ଚ୍ଚ ୧୩ ତାରିଖ ସୁଦ୍ଧା ଜିଲାର ଜଣେ ହେଲେ ସଂକ୍ରମିତ ଚିକିତ୍ସା ହେଉ ନ ଥିବାରୁ ସଂକ୍ରମଣ ଲୋପ ପାଇଗଲା ବୋଲି ଜିଲାବାସୀ ବେପରୁଆ ହେଲେ। କୋଭିଡ- ୧୯ର ସାମଗ୍ରୀ ବିକ୍ରି କମିବା ପରେ ଏସବୁର ଦୋକାନରେ ତାଲା ପଡିବା ଆରମ୍ଭ ହୋଇଥିଲା। କୋଭିଡ ସାମଗ୍ରୀ ବ୍ୟବହାର ବହୁ ଭାବେ କମିଯିବା, କରୋନା ଟିକାର ଉପଲବ୍ଧି ପରେ ବ୍ୟବସାୟୀମାନେ କ୍ରୟ କରିଥିବା ସାମଗ୍ରୀକୁ ନେଇ ଚିନ୍ତାରେ ଥିଲେ। ଏପରିକି ଏହି ସାମଗ୍ରୀ କମ୍ପାନୀକୁ ଫେରାଇବା ପାଇଁ ବ୍ୟବସାୟୀ ଉଦ୍ୟମ କରିଥିବା ବେଳେ କେତେଜଣ ଏହାକୁ ନଷ୍ଟ କରିବାକୁ ଯୋଜନାରେ ଥିଲେ। ସାମଗ୍ରୀକୁ କମ୍ ମୂଲ୍ୟରେ ବିକ୍ରି ପାଇଁ ଉଦ୍ୟମ ଚାଲିଥିବା ବେଳେ କରୋନା ସଂକ୍ରମଣର ଦ୍ୱିତୀୟ ଲହରକୁ ନେଇ ବ୍ୟବସାୟୀ ଖୁସି ହୋଇଛନ୍ତି। ମାସ୍କ ତିଆରି କରୁଥିବା ମହିଳା ଗୋଷ୍ଠୀ ପୁଣି ଥରେ ବ୍ୟବସାୟରେ ମନ ଦେଇଛନ୍ତି। ଚଳିତ ଲହରରେ ଭଲ ଟଙ୍କା ଉପାର୍ଜନ କରିବା ଆଶା ରଖିଥିବା ବିଶ୍ୱପ୍ରିୟା ଏସ୍‌ଏସ୍‌ଜି ସମ୍ପାଦିକା ମାନସୀ ସାମଲ, ମା' ସୁରେଶ୍ୱରୀ ଏସ୍‌ଏସ୍‌ଜି ସଭାପତି ଅନୁସୂୟା କର, ଡେରାବିଶ ଏସ୍‌ଏସ୍‌ଜି ସମ୍ପାଦିକା ରୀନା ରାୟ ପ୍ରମୁଖ ପ୍ରକାଶ କରିଛନ୍ତି। ଏହାସହ ସେମାନେ କହିଛନ୍ତି, ସାନିଟାଇଜର ଓ ଅନ୍ୟାନ୍ୟ କେତେକ ସାମଗ୍ରୀକୁ କିଣିବା ସମୟରେ ଏକ୍ସପାରୀ ଡେଟକୁ ଯାଞ୍ଚ କରିବା ଆବଶ୍ୟକ। ସମସ୍ତେ ସୁସ୍ଥ, ନିରାମୟ ଜୀବନ ଯାପନ ପାଇଁ ମାସ୍କ ଜରୁରୀ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ ବସନ୍ତ କୁମାର ରାଉତଙ୍କୁ ପଚାରିବାରେ କାରୋନାର ଦ୍ୱିତୀୟ ଲହରକୁ ନେଇ ସଚେତନତା କାର୍ଯ୍ୟକ୍ରମ ଚାଲିଛି। କଟକଣା ସମୟରେ ସାମଗ୍ରୀର ହୋର୍ଡିଂକୁ ବରଦାସ୍ତ କରାଯିବ ନାହିଁ। ସେହିପରି ନକଲି ସାନିଟାଇଜର ଓ ଔଷଧ ସମ୍ପର୍କରେ ବିଭିନ୍ନ ଔଷଧ ଦୋକାନରେ ତନଖି ଚାଲିଥିବା ଏଡିଏମ୍ ରାଉତ କହିଛନ୍ତି।

# ପ୍ରଶାସନ ପକ୍ଷରୁ କୋଭିଡ୍ ସଚେତନତା, ମାସ୍କ ତନଖି



ପ୍ରଶାସନ ପକ୍ଷରୁ ପଟ୍ଟାମୁଣ୍ଡାଇ ବଜାରରେ ଥିବା ଦୋକାନ ଉପରେ ଚଢାଉ କରାଯାଉଛି।

**ପଟ୍ଟାମୁଣ୍ଡାଇ,୧୯।୪(ସ୍ୱ.ପ୍ର.)**

କରୋନାର ଦ୍ୱିତୀୟ ଲହର ଦ୍ରୁତଗତିରେ ବ୍ୟାପି ଚାଲିଥିଲା ବେଳେ ଲୋକେ ଭୟଭୀତ ହୋଇ ପଡିଛନ୍ତି। ତଥାପି କେତେଜଣ ଅମାନିଆ ସରକାର ଓ ପ୍ରଶାସନଙ୍କ କଟକଣାକୁ ଅମାନ୍ୟ କରି ନିୟମ ଭାଙ୍ଗି ଚାଲିଛନ୍ତି। ଏ ଦିଗରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ କେନ୍ଦ୍ରାପଡ଼ା ଉପଜିଲାପାଳ ନିରଞ୍ଜନ ବେହେରା, ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ କୁମାର ସେଠୀ, ଅତିରିକ୍ତ ତହସିଲଦାର ଓମପ୍ରକାଶ ମହାନ୍ତି, ଆଦର୍ଶ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ ପଟ୍ଟାମୁଣ୍ଡାଇ ବଜାରରେ ଥିବା ସବୁ ଦୋକାନ ପରିକ୍ରମା କରି ଜନସଚେତନତା କରିଥିଲେ। କେତେଗୋଟି ଦୋକାନରେ ଅଧିକ ଭିଡ ଥିବାବେଳେ କୋଭିଡ ନିୟମ ଉଲ୍ଲଘଂନ ହୋଇଥିବା ଦୃଷ୍ଟିକି ଆସିଥିଲା। ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଗ୍ରାହକମାନଙ୍କୁ ସଚେତନ କରାଯାଇ ମାସ୍କ ପ୍ରଦାନ କରାଯାଇଥିଲା। ସେହିପରି ଉଠା ଦୋକାନୀମାନଙ୍କୁ ମଧ୍ୟ ସଚେତନ କରିବା ସହ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ତାଗିଦ୍ କରାଯାଇଥିଲା। ଏଥିରେ ବ୍ୟତିକ୍ରମ ହେଲେ ମଙ୍ଗଳବାରଠାରୁ ଜରିମାନା ଆଦାୟ କରାଯିବ ବୋଲି ତାଗିଦ୍ କରାଯାଇଥିଲା। ତହସିଲଦାର ସେଠୀଙ୍କ ନେତୃତ୍ୱରେ ୧୦,୨୦୦ ଟଙ୍କା, ଆଦର୍ଶ ଥାନା ଆଇଆଇସି ତ୍ରିପାଠୀଙ୍କ ନେତୃତ୍ୱରେ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପ୍ରଶାସନର ଏହି ଚଢ଼ାଉ ପରେ ପଟ୍ଟାମୁଣ୍ଡାଇ ବଜାରରେ ଲୋକମାନେ ସଚେତନ ହେବା ସହ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ବଜାୟ ରଖିଥିବା ଦୃଷ୍ଟି ଗୋଚର ହେଉଛି। ବାରମ୍ବାର ଚଢାଉ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି




ଜନଶକ୍ତି ପାର୍ଟି ପକ୍ଷରୁ କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ପ୍ଲା କାର୍ଡ ପ୍ରଦର୍ଶନ କରାଯାଉଛି।

**ପଟ୍ଟାମୁଣ୍ଡାଇ,୧୯।୪(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହେଲେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଘଟିବ। ଏହି ଦାବିରେ ଜନଶକ୍ତି ପାର୍ଟିପକ୍ଷରୁ ଚାଲିଥିବା ଆନ୍ଦୋଳନ ପରିପ୍ରେକ୍ଷୀରେ ରାଜ୍ୟ ସଭାପତି ଆଇନଜୀବୀ ପ୍ରଦୀପ ଦାଶ ପ୍ରକାଶ କରିଛନ୍ତି। ଆନ୍ଦୋଳନର ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ନିକଟରେ ଜିଲାବ୍ୟାପୀ ଧାରଣା ଓ ଦ୍ୱିତୀୟ ପର୍ଯ୍ୟାୟରେ ପ୍ଲାଗ କାର୍ଡ ଶୋଭାଯାତ୍ରା ଚାଲିଛି। ପାର୍ଟି ରାଜ୍ୟ ସଭାପତି ଆଇନଜୀବୀ ଦାଶ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାର ରାଜନଗର ବିଧାନସଭା ଆସନରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ରାଜନୈତିକ ଜୀବନ୍ୟାସ ଦେଇଥିଲା। କେନ୍ଦ୍ରାପଡ଼ା ଲୋକ ସଭା ଆସନ ବିଜୁଙ୍କୁ ଜାତୀୟ ରାଜନୀତିରେ ପ୍ରତିଷ୍ଠିତ କରାଇଥିଲା। ବିଜୁ ଆଦର୍ଶରେ ସୁପୁତ୍ର ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ବିଜେଡି ୨୧ବର୍ଷ ଧରି ରାଜ୍ୟ ଶାସନର ଡୋରି ଧରିଛନ୍ତି। ମାତ୍ର କେନ୍ଦ୍ରାପଡ଼ାରେ ଶିଳ୍ପ ପ୍ରତିଷ୍ଠା ପାଇଁ କେବଳ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି। ପାରାଦୀପ ବନ୍ଦର ଓ ତତ୍‌ସଂଲଗ୍ନ ଶିଳ୍ପାଞ୍ଚଳରୁ ବାହାରୁଥିବା ଧୂଆଁ ଯୋଗୁ ଜିଲାର ନିକଟବର୍ତ୍ତୀ ଅଞ୍ଚଳର ଲୋକମାନେ ରୋଗାକ୍ରାନ୍ତ ହେଉଥିବା ଦେଖାଯାଉଛି। ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ସଂଲଗ୍ନ ଜିଲା ଜଗତ୍‌ସିଂହପୁର ଓ ଯାଜପୁରରେ ଶିଳ୍ପ ସହ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସରକାରୀ ଯୋଜନା ରହିଛି। ଏସବୁକୁ ଦୃଷ୍ଟିରେ ରଖି ଜନଶକ୍ତି ପାର୍ଟି ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଆନ୍ଦୋଳନକୁ ଓହ୍ଲାଇଛି। ପଟ୍ଟାମୁଣ୍ଡାଇଠାରେ ଜନଶକ୍ତି ପାର୍ଟିପକ୍ଷରୁ ପ୍ଲାଗକାର୍ଡ ପ୍ରଦର୍ଶନ କରାଯାଇ ଜନସଚେତନତା ସୃଷ୍ଟି କରାଯିବା ସହ ମେଡିକାଲ କଲେଜ ପ୍ରତିଷ୍ଠା ଦାବିକୁ ଜୋରଦାର କରାଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଶୋକ ରାଉତ, ଆଇନଜୀବୀ ରାମକୃଷ୍ଣ ଦାଶ, ରତ୍ନାକର ବେହେରା, ଉତ୍ତମ ଦାସ, ଯମୁନା ରାମ ପ୍ରମୁଖ ସାମିଲ ହୋଇଥିଲେ।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ରାଜକନିକା,୧୯।୪(ଡି.ଏନ.ଏ.)**

ରାଜକନିକା ଥାନା ଦାମୋଦରପୁର ପୋଲ ନିକଟରେ ସୋମବାର ଗୁଣ୍ଡୁରିପଡା ଗାଁର ସାଧୁ ବିଶ୍ୱାଳ ଗାଁକୁ ଫେରୁଥିବା ବେଳେ ୪୦୭ ମିନିଟ୍ରକ ଧକ୍କା ଦେବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକେ ତାଙ୍କୁ ବାଇକ୍‌ରେ କଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପିଲାଟି ଦିନରୁ ବାପାକୁ ହରାଇଥିବା ବେଳେ ବୁଢୀ ମା' ଅଛନ୍ତି। ସେ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। କଣ୍ଡିଆ ଫାଣ୍ଡି ପୋଲିସ ଧକ୍କା ଦେଇଥିବା ୪୦୭ ମିନିଟ୍ରକକୁ ଜବତ କରିଛି। ସେ ପାରାଦୀପରେ ରହି ଗାଡି ଚଳାଉଥିବା ଜଣାପଡିଛି। କରୋନା କଟକଣା ଯୋଗୁ ସେ ଘରକୁ ଫେରିଥିଲେ। ହେଲେ କର୍ମକ୍ଷେତ୍ରକୁ ଫେରିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ନାବାଳିକାଙ୍କୁ ଏକାଧିକବାର ବଳାତ୍କାର ଅଭିଯୋଗ

**ପାରାଦୀପ, ୧୯।୪(ସ୍ୱ.ପ୍ର.)**

**ଗର୍ଭବତୀ ହେବା ପରେ ଘଟଣା ପଦାକୁ ଆସିଲା**

ପାରାଦୀପ ଜଟାଧାରମୁହାଁଣ ସାମୁଦ୍ରିକ ଥାନା ଅଞ୍ଚଳରେ ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ଏକାଧିକବାର ବଳାତ୍କାର କରି ଗର୍ଭବତୀ କରାଯାଇଥିବା ସୋମବାର ଅଭିଯୋଗ ହୋଇଛି। ଅଭିଯୁକ୍ତ ଜଣକ ୭ଟି ପିଲାର ବାପା ଥିବା ଜଣାପଡ଼ିଛି। ଏହି ଘଟଣା ପଦାକୁ ଆସିବା ପରେ ପୀଡ଼ିତାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ମାମଲା (ନଂ.୭/୨୧) ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଅଭିଯୁକ୍ତ ହେଲେ ଉକ୍ତ ଅଞ୍ଚଳର ପି. ଉମା (୪୫)। ପୋଲିସ ସୂଚନା ଅନୁସାରେ, ସମ୍ପୃକ୍ତ ନାବାଳିକା ଠିକ୍ ଭାବେ କଥା କହିପାରନ୍ତି ନାହିଁ। ତାଙ୍କ ଘରକୁ ଉମା ପ୍ରାୟତଃ ତାସ ଖେଳିବାକୁ ଯାଇଥାନ୍ତି। ଏମିତି ଯିବାଆସିବା ମଧ୍ୟରେ ନାବାଳିକାଙ୍କୁ ଏକୁଟିଆ ପାଇ ବଳାତ୍କାର କରିଥିଲେ। ଏହାକୁ ନାବାଳିକା ଜଣକ ଘରେ କହି ନ ପାରିବାରୁ ଉମାଙ୍କ ପାଇଁ ସୁଯୋଗ ମିଳିଯାଇଥିଲା। ଏହାପରେ ସେ ଏକାଧିକବାର ଝିଅକୁ ବଳାତ୍କାର କରିଥିଲେ ବୋଲି ପୀଡିତାଙ୍କ ମା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏବେ ପୀଡ଼ିତା ଜଣକ ୬ ମାସର ଗର୍ଭବତୀ ଥିବା ଜଣାପଡିଛି।

# ମହିଳାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

**ଡେରାବିଶ ୧୯।୪(ସ୍ୱ.ପ୍ର.)**

ଡେରାବିଶ ଥାନା ଅଞ୍ଚଳର ଏକ ଗାଁରେ ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ ନେଇ ଶନିବାର ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତିକରି ରବିବାର ଥାନାରେ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ଜଣେ ମହିଳା ଏକାକି ଘରେ ଥିବା ବେଳେ ସେହି ଗ୍ରାମର ଦୁଇଜଣ ଯୁବକ ତାଙ୍କୁ ଘର ଭିତରେ ବଳାତ୍କାର ଉଦ୍ୟମ କରିଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ସନ୍ଧ୍ୟା ସମୟରେ ମା' ପଡ଼ୋଶୀ ଘରକୁ ଟିଭି ଦେଖିବାକୁ ଯାଇଥିବା ବେଳେ ପୀଡିତା ମହିଳା ଜଣକ ଏକାକୀ ଘରେ ଥିଲେ। ତେବେ ସମ୍ପୃକ୍ତ ଗ୍ରାମର ଦୁଇ ଯୁବକ ମହିଳାଙ୍କୁ ପାଖ ଘରର ଚାବି ମାଗିବା ବାହାନାରେ ଘର ଭିତରେ ପଶି ଯାଇଥିଲେ। ପରେ ମହିଳାଙ୍କ ପାଟିରେ ଲୁଗା ଦେଇ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ତେବେ କୌଶଳକ୍ରମେ ମହିଳା ଜଣକଙ୍କ ପାଟିରୁ ଲୁଗା କାଢି ଚିତ୍କାର କରିଥିଲେ। ଏହା ଶୁଣି ପାଖ ପଡୋଶୀମାନେ ଜମା ହୋଇଯିବା ଦେଖି ସମ୍ପୃକ୍ତ ଦୁଇଯୁବକ ସେଠାରୁ ଖସି ପଳାଇ ଥିଲେ। ସେମାନେ ଯିବା ବେଳେ ମହିଳାଙ୍କ ବେକରୁ ଦେଢ ଭରି ଓଜନର ସୁନ ଚେନ ନେବା ସହ ଯଦି ସେମାନଙ୍କ ନାମ ପ୍ରଘଟ ହେଲା ତାଙ୍କ ପରିବାର ସମସ୍ତଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଯାଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଥାନାରେ ଦଫା ୪୫୨, ୩୭୬, ୫୧୧, ୩୭୯, ୫୦୬ ଓ ୩୪ ଆଇପିସିରେ ନଂ. ୯୯/୨୧ରେ ମାମଲା ରୁଜୁ ହୋଇଛି। ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଜନ୍ମିତା ସାସମଲ ସୂଚନା ଦେଇଛନ୍ତି। ଯୁବକଦ୍ୱୟ ଫେରାର ହୋଇ ଯାଇଥିବାରୁ ଗିରଫ କରିବା ସମ୍ଭବ ହୋଇପାରିନାହିଁ ବୋଲି ସେ କହିଛନ୍ତି।

# କାଳବୈଶାଖୀ ପ୍ରଭାବ ଗଛ ଭାଙ୍ଗିଲା, ଆଜବେଷ୍ଟସ୍ ଉଡ଼ିଲା

**କୁଜଙ୍ଗ, ୧୯।୪(ଡି.ଏନ୍.ଏ.)**

କୁଜଙ୍ଗ ତହସିଲରେ ରବିବାର ରାତିରେ କାଳ ବୈଶାଖୀ ପ୍ରଭାବରେ ଅନେକ କ୍ଷୟକ୍ଷତି ହୋଇଛି। ଏହା ପ୍ରଭାବରେ ବହୁ ବଡ଼ ବଡ଼ ଗଛ ଭାଙ୍ଗିଯାଇଛି। ଅନେକ ଘରର ଚାଳ ଓ ଆଜବେଷ୍ଟସ୍ ଉଡ଼ିଯାଇଛି। ବହୁ ପରିମାଣର ପାନବରଜ ଭାଙ୍ଗିଯାଇଥିବା ବେଳେ ଆମ୍ବ, ମୁଗ ଓ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ସେହିପରି କୁଜଙ୍ଗ ବିଦ୍ୟୁତ୍ ବିଭାଗ ଅଧୀନ ୩୭ଟି ଖୁଣ୍ଟ ଭାଙ୍ଗିଯାଇଛି। ବହୁ ସ୍ଥାନରେ ତାର ଛିଣ୍ଡି ଯାଇଛି। ଫଳରେ ବିଦ୍ୟୁତ ଯୋଗାଣ ଏକ ପ୍ରକାର ବ୍ୟାହତ ହୋଇଛି। କୁଜଙ୍ଗ ତହସିଲ ପକ୍ଷରୁ କ୍ଷୟକ୍ଷତିର ଆକଳନ ନିମନ୍ତେ ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ନଦୀ ସଇରାତ ନିଲାମ ପ୍ରକ୍ରିୟାକୁ ବିରୋଧ କରି ଧାରଣା



ଆଳି ତହସିଲ ସମ୍ମୁଖରେ ମତ୍ସ୍ୟଜୀବୀମାନେ ପରିବାର ସହ ଧାରଣାରେ ବସିଛନ୍ତି।

**ଆଳି,୧୯।୪(ଡି.ଏନ.ଏ.)**

ଆଳି ତହସିଲ ଅଧୀନରେ ଥିବା ନଦୀ ସଇରାତଗୁଡିକୁ ନିଲାମ ଦେବା ନିମନ୍ତେ ହୋଇଥିବା ପ୍ରକ୍ରିୟାକୁ ବିରୋଧ କରି ସୋମବାର ବାଲକାଟୀ ଓ କୋଳିଡିହ ପଞ୍ଚାୟତର ଶତାଧିକ ମତ୍ସ୍ୟଜୀବୀ ତହସିଲ ସମ୍ମୁଖରେ ଧାରଣା ଦେଇଥିଲେ। ବାଲକାଟୀ ଓ କୋଳିଡିହର ମତ୍ସ୍ୟଜୀବୀ ଅଭିଯୋଗ କରିଛନ୍ତି ଯେ, ସେମାନେ ପଞ୍ଚାୟତ ଅଧୀନରେ ଥିବା ନଦୀ ସଇରାତରୁ ମାଛମାରି ପରିବାର ପ୍ରତିପୋଷଣ କରିଥା'ନ୍ତି। କିନ୍ତୁ ଚଳିତବର୍ଷ ତହସିଲ ଅଧୀନରେ ଥିବା ନଦୀର ସଇରାତଗୁଡ଼ିକୁ ନିଲାମ କରାଯିବାକୁ ନୋଟିସ ଜାରି ହୋଇଛି। କିନ୍ତୁ ମତ୍ସ୍ୟଜୀବୀମାନଙ୍କୁ ସଇରାତ ନିଲାମ ନିମନ୍ତେ ସମବାୟ ସମିତିର ଗାଇଡ୍ ଲାଇନ ରହିଛି। ସେମାନଙ୍କ ସମିତିକୁ ସଇରାତ ଦେବା ନିମନ୍ତେ ଜିଲା ମତ୍ସ୍ୟ ଅଧିକାରୀ, ଆଳି ତହସିଲଦାର ଓ ବ୍ଲକ ମତ୍ସ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଥିବା ବେଳେ ତାହା ନିଲାମ ନିମନ୍ତେ ନୋଟିସ୍ ଜାରି ହୋଇଛି। ଯଦି ସଇରାତ ନିଲାମ ହୋଇଯାଏ, ତେବେ ସେମାନେ ଜୀବନ ଜୀବିକା ହରାଇବା ସହ ତାଙ୍କ ପରିବାର ଭୋକ ଉପବାସରେ ରହିବେ। ଧାରଣାରେ ସାମିଲ ହୋଇଥିବା ମତ୍ସ୍ୟଜୀବୀ ମାଧବାନନ୍ଦ ମଲିକ, ଦେବେନ୍ଦ୍ର ମଲିକ, ଯୋଗେନ୍ଦ୍ର ମଲିକ ପ୍ରମୁଖ ଶତାଧିକ ଏହାର ପ୍ରତିବାଦ କରିଥିଲେ। ଘଟଣାସ୍ଥଳରେ ତହସିଲଦାର ତପନ ସେନାପତି ପହଞ୍ଚି ମଙ୍ଗଳବାର ହେବାକୁ ଥିବା ନିଲାମ ପ୍ରକ୍ରିୟାକୁ ସ୍ଥଗିତ ରଖିବା ସହିତ ଆଗାମୀଦିନରେ ଘଟଣା ଉପରେ ବିଚାରବିମର୍ଶ ପରେ ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ।

# ବିଲ୍ ଟଙ୍କା ନ ମିଳିବାରୁ ମହିଳାଙ୍କ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ

**ବାଲିକୁଦା,୧୯।୪(ସ୍ୱ.ପ୍ର.)**



ମହିଳାମାନେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

ବାଲିକୁଦା ବ୍ଲକ ତିତିରା ପଞ୍ଚାୟତ ସୁମଡ଼ା ଗାଁର ମହାବୀର ମନ୍ଦିର ନିର୍ମାଣ ପାଇଁ ୨୦୧୮-୧୯ ଆର୍ଥିକ ବର୍ଷରେ ମହାବୀର ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ସରପଞ୍ଚ କାମ କରିବାକୁ କହିଥିଲେ। ତାଙ୍କ ପରାମର୍ଶକ୍ରମେ ଉକ୍ତ ଏସ୍‌ଏଚ୍‌ଜି କାମ ମଧ କରିଥିଲା। ମାତ୍ର ନିର୍ମାଣ କାର୍ଯ୍ୟ କେନାଲ ଉପରେ କରାଯିବା ସହ ଏହା ଉପରେ ଅନ୍ୟାନ୍ୟ ଅଭିଯୋଗ ରହିଛି ବୋଲି ଦର୍ଶାଇ ସରପଞ୍ଚ ଧରା ଦେଉ ନ ଥିଲେ ଅବା ବିଲ୍ ଦେଉ ନ ଥିଲେ। ଏହି ଅର୍ଥ ନ ମିଳିବାରୁ ସୋମବାର ଏସ୍‌ଏଚ୍‌ଜିର ମହିଳାମାନେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣ ଦେଇଥିଲେ। ଜଗନ୍ନାଥ ଏସ୍‌ଏଚ୍‌ଜି ଓ ରାଧାକୃଷ୍ଣ ଏସ୍‌ଏଚ୍‌ଜି ଓ ଗ୍ରାମବାସୀ ସେମାନଙ୍କୁ ସମର୍ଥନ ଜଣାଇ ଧାରଣାରେ ବସି ରହିଥିଲେ। ଖବରପାଇ ଏବିଡିଓ ସଞ୍ଜୟ ଦାସ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଶୁକ୍ରବାର ସରପଞ୍ଚ ଓ ବିଡିଓଙ୍କ ଉପସ୍ଥିତିରେ ଘଟଣାର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସୂଚନା ଅନୁଯାୟୀ, ସୁମଡ଼ା ଗ୍ରାମର ମହାବୀର ମନ୍ଦିର ପ୍ରାର୍ଥନା ଗୃହ ନିର୍ମାଣ ନିମନ୍ତେ ସରପଞ୍ଚ ଅଜୟ ମହାନ୍ତିଙ୍କ ପରାମର୍ଶକ୍ରମେ ମହାବୀର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ୧ ଲକ୍ଷ ଟଙ୍କାର କାର୍ଯ୍ୟ କରାଯାଇଥିଲା। କାର୍ଯ୍ୟ ପରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡ଼ିଥିଲେ ମଧ୍ୟ ବିଲ୍ ମିଳି ନ ଥିଲା। ବାଧ୍ୟ ହୋଇ ମହାବୀର ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ସନ୍ଧ୍ୟାରାଣୀ ସ୍ୱାଇଁ, ସମ୍ପାଦିକା ମାନସୀ ବାରିକଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟା ଧାରଣାକୁ ଓହ୍ଲାଇ ଥିଲେ। ରାଧାକୃଷ୍ଣ ଏସ୍‌ଏଚ୍‌ଜିର ସଭାନେତ୍ରୀ ରୋଜାଲିନ ସାହୁ, ସମ୍ପାଦିକା ପ୍ରାତରଶ୍ମି ସ୍ୱାଇଁ, ଜଗନ୍ନାଥ ଏସ୍‌ଏଚ୍‌ଜିର ସଭାନେତ୍ରୀ ରଜନୀ ସ୍ୱାଇଁ, ସମ୍ପାଦିକା ନିରୁପମା ସ୍ୱାଇଁଙ୍କ ସମେତ ଅନ୍ୟ ସଦସ୍ୟା ଏଥିରେ ସାମିଲ ହୋଇଥିଲେ। ପୂର୍ବତନ ସରପଞ୍ଚ ଭ୍ରମରବର ସାହୁ, ସୁଶାନ୍ତ ନାୟକ, ଜଟାଧାରୀ ବେହେରା, ସୁଧାଂଶୁ ବେହେରା ପ୍ରମୁଖ ଆନ୍ଦୋଳନରେ ଯୋଗ ଦେଇଥିଲେ।

# ବଜ୍ରପାତରେ ଗର୍ଭିଣୀ ଗାଈ ମୃତ

**ପଟ୍ଟାମୁଣ୍ଡାଇ,୧୯।୪(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ଧୋୟାଞ୍ଚଳ ଅଣ୍ଡରା ଗ୍ରାମର ଭିକାରୀ ଗିରିଙ୍କର ଏକ ଗର୍ଭିଣୀ ଗାଈ ରବିବାର ରାତିରେ ଗୁହାଳରେ ବନ୍ଧା ହୋଇଥିଲା। ବଜ୍ରପାତ ଯୋଗୁ ତାହାର ମୃତ୍ୟୁ ଘଟିଛି। ଭିକାରୀ ଅତ୍ୟନ୍ତ ଗରିବ ହୋଇଥିବାବେଳେ ଗୋପାଳନ କରି ୯ ପ୍ରାଣୀ କୁଟୁମ୍ବ ପୋଷଣ କରୁଥିଲେ। ଗାଈଟି ମରିଯିବାରୁ କିଭଳି ପରିବାର ପ୍ରତିପୋଷଣ କରିବେ ଚିନ୍ତାରେ ପଡିଛନ୍ତି। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜମି ବିବାଦ, ମହିଳାଙ୍କୁ ଆକ୍ରମଣ

ଯାଜପୁର ଟାଉନ,(ଡି.ଏନ.ଏ.)-ଯାଜପୁରସଦର ଥାନା ଅଧୀନ ରେକାବି ବଜାର ଅଞ୍ଚଳରେ ଜମିବାଡି ବିବାଦକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟି ଜଣେ ମହିଳା ଗୁରୁତର ହୋଇଛନ୍ତି । ତାଙ୍କୁ ଯାଜପୁର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଉକ୍ତ ଗ୍ରାମର ସୁର୍ଫିଆନା ବିବିଙ୍କୁ ତାଙ୍କ ପଡୋଶୀ ଲୋକ ଘର ଡିଆରିକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ କରିଛନ୍ତି। ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଏ ନେଇ ଯାଜପୁର ସଦରଥାନାରେ ଅଭିଯୋଗ ହୋଇଛି । ଯାଜପୁର ଏସ୍‌ଡିପିଓଙ୍କ ଦୃଷ୍ଟି ଅକାର୍ଷଣ କରାଯାଇଛି ।

## ସଂକ୍ଷେପରେ

### ମା'ସିଦ୍ଧିଦାତ୍ରୀଙ୍କ କରାଳୀ ବେଶ



**ନାଉଗାଁ,୧୯।୪(ସ୍ୱ.ପ୍ର):** ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ସରାପ୍ତୋସ୍ଥିତ ମା'ସିଦ୍ଧିଦାତ୍ରି ଦିବ୍ୟଜୀବନ ସେବା ଶ୍ରମରେ ନବ ଦିନାତ୍ମକ ବାସନ୍ତିକ ଦୁର୍ଗାପୂଜାର ୭ମ ଦିବସରେ ମା'ଙ୍କୁ କରାଳୀ ବେଶରେ ସଜ୍ଜିତ କରାଯାଇଛି।

### କାର ସହ ବାଇକ୍ ଧକ୍କା, ଦୁଇ ଗୁରୁତର

**ଚଣ୍ଡିଖୋଲ,୧୯।୪(ଡି.ଏନ୍.ଏ.):** ବଡ଼ଚଣା ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଶାନ୍ତିଲତା ପେଟ୍ରୋଲ ପମ୍ପ ନିକଟରେ ସୋମବାର ଏକ ସଡ଼କ ଦୁର୍ଘଟଣାରେ ୨ ଯୁବକ ଗୁରୁତର ହୋଇଛନ୍ତି। ଏକ ଟାଟା ଟିଆଗୋ କାର (ନଂ.ଓଆର ୧୭ ଜି ୨୨୬୬) ଉକ୍ତ ପେଟ୍ରୋଲ ପମ୍ପ ନିକଟରେ ହଠାତ୍ ବ୍ରେକ ମାରିଥିଲା। ଏହି ସମୟରେ ପଛରେ ଆସୁଥିବା ଏକ ବାଇକ୍ କାର ପଛରେ ପିଟି ହୋଇଥିଲା। ଫଳରେ ବାଇକ୍‌ରେ ଥିବା ଜାରକାର ସୁବ୍ରତ ଦାସ (୨୭) ଓ ସବ୍ୟସାଚୀ ସାହୁ (୨୬)ରାସ୍ତା କଡକୁ ଛିଟିକି ପଡି ଗୁରୁତର ହୋଇଥିଲେ । ଚଣ୍ଡିଖୋଲ ଅଗ୍ନିଶମ କର୍ମଚାରୀମାନେ ସେମାନଙ୍କୁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଉଭୟଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

### ବଡ଼ଚଣା ମେଡିକାଲରେ ପହଞ୍ଚିଲା ୧ ହଜାର ଟିକା

**ଚଣ୍ଡିଖୋଲ,୧୯।୪(ଡି.ଏନ୍.ଏ.):** ସୋମବାର ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧ ହଜାର ଟିକା ପହଞ୍ଚିଛି। ସେହି ଟିକାକୁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବାଉଁଶମୂଳି ଓ ଖଡିଅଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି। ଏହାକୁ ମିଶାଇ ୨୩ହଜାର ୭୨୪ ଡୋଜ ଟିକା ଏପର୍ଯ୍ୟନ୍ତ ଦିଆଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

### ୨ ଟ୍ରକ ଧକ୍କା, ଚାଳକ ଗୁରୁତର

**ବଡ଼ଚଣା,୧୯।୪(ଡି.ଏନ.ଏ):** ରବିବାର ବିଳମ୍ବିତ ରାତିରେ ୧୬ ନଂ. ଜାତୀୟ ରାଜପଥ କଡ଼େଇ ଛକ ନିକଟରେ ଦୁଇ ଟ୍ରକ୍ ମଧରେ ଧକ୍କା ହେବା ଫଳରେ ଚାଳକ ଗୁରୁତର ହୋଇଛନ୍ତି । ତାଙ୍କୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ବାଲେଶ୍ୱର ଅଭିମୁଖେ ଯାଉଥିବା ଟ୍ରକ୍ (ନଂ ଟି.ଏନ.୩୯. ୩୯୪୨) ହଠାତ୍ ବ୍ରେକ୍ ମାରିବାରୁ ପଛରେ ଆସୁଥିବା ଆଉ ଏକ ଟ୍ରକ୍ (ନଂ ଟି.ଏନ.୮୮. ୧୨୩୩) ପ୍ରଥମ ଟ୍ରକ ପଛରେ ପିଟି ହୋଇଯାଇଥିଲା । ଏଥିରେ ଟ୍ରକ୍ ଚାଳକ ଶକ୍ତି ଭେଲ୍ (୩୭) ଚାପି ହୋଇ ରହିଯାଇଥିଲେ। ଖବର ପାଇ ଚଣ୍ଡିଖୋଲ ଅଗ୍ନିଶମ କର୍ମଚାରୀମାନେ ଗ୍ୟାସ କଟରରେ କାଟି ଚାଳକଙ୍କୁ ବାହାର କରିଥିଲେ । ପ୍ରଥମେ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ବଡ଼ଚଣା ପୋଲିସ ୨ ଟ୍ରକ ଜବତ କରି ତଦନ୍ତ ଚାଲୁ ରଖିଛି।

### ୩ ସ୍ଥାନରେ ଅଗ୍ନିକାଣ୍ଡ, ୬ ବଖରା ଭସ୍ମୀଭୂତ

**ବଡ଼ଚଣା,୧୯।୪(ଡି.ଏନ.ଏ):** ବଡ଼ଚଣାର ୩ଟି ସ୍ଥାନରେ ଅଗ୍ନିକାଣ୍ଡ ଘଟି ୬ବଖରା ଚାଳ ଛପର ଘର ପୋଡ଼ି ଯାଇଛି । ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି । ସୋମବାର ଅପରାହ୍ନ ୧୧ଟାରେ ବଡ଼ଚଣା ଶାସନପୁରୁଷୋତ୍ତମପୁର ଗ୍ରାମର ଲକ୍ଷ୍ମଣ ହାସଂଦାଙ୍କ ଘରେ ବିଦ୍ୟୁତ୍ ଶଟ୍ ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟି ୨ବଖରା ପୋଡ଼ିଯାଇଛି। ସେହିପରି ବଡ଼ଚଣା ଥାନା ଡ଼ଗରପଡ଼ା ଗ୍ରାମର ନରୋତ୍ତମ ମଲିକଙ୍କ ଘରେ ଅଲିଆଗଦାରୁ ନିଆଁ ଲାଗି ୨ବଖରା ପୋଡ଼ିଯିବା ସହ ୩୦ହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ବାଉଜଙ୍ଗ କଟି କଟା ଗ୍ରାମର ସେକ୍ ବାବୁଲାଙ୍କ ଘରେ ବିଦ୍ୟୁତ୍ ଶଟ୍‌ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟି ୨ବଖରା ପୋଡ଼ିଯାଇଛି। ଚଣ୍ଡିଖୋଲ ଅଗ୍ନିଶମ ଅଧିକାରୀ ପ୍ରଭାକର ସାହୁଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀମାନେ ନିଆଁକୁ ଆୟତ କରିଛନ୍ତି ।

# ପାଣି ପାଇଁ ଆମରଣ ଅନଶନ

ଯାଜପୁର ଅଫିସ/ଦଶରଥପୁର (ଡି.ଏନ.ଏ.),୧୯।୪

ଦଶରଥପୁର ବ୍ଲକ୍ ପାଲଟପୁର ପଞ୍ଚାୟତ କଣ୍ଟିବାଙ୍କ ଗ୍ରାମରେ ଥିବା ଏକ ଅଚଳ ପାଇପ ଜଳ ଯୋଗାଣ ପ୍ରକଳ୍ପକୁ ସଚଳ କରିବା ଦାବିରେ ଅଞ୍ଚଳବାସୀ ବ୍ଲକ ଅଫିସ୍ ସମ୍ମୁଖରେ ସୋମବାର ଆମରଣ ଅନଶନ କରିଥିଲେ।

ଅଭିଯୋଗ ଅନୁସାରେ କଣ୍ଟିବାଙ୍କ ଗ୍ରାମରେ ୩୭ ଲକ୍ଷ ଟଙ୍କା ବ୍ୟୟରେ ୧୩ ବର୍ଷ ତଳେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲା। ଉଦ୍ଦେଶ୍ୟ ଥିଲା ପଞ୍ଚାୟତର ଲୋକମାନଙ୍କୁ ସ୍ୱଚ୍ଛ ଓ ବିଶୁଦ୍ଧ ପିଇବା ପାଣି ଯୋଗାଇ ଦେବାକୁ। ହେଲେ ଏହା ଅଚଳ ହୋଇ ପଡିଛି। ଗ୍ରାମବାସୀ ଏ ସମ୍ପର୍କରେ ବର୍ଷ ବର୍ଷ ଧରି ବିଭାଗୀୟ ଅଧିକାରୀଙ୍କ ନିକଟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲାପରେ ବି ଏହାକୁ ନିର୍ମାଣ କରିଥିବା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ କୌଣସି ପଦକ୍ଷେପ ନିଆଯାଇନି।




ବ୍ଲକ୍ ଅଫିସ ସମ୍ମୁଖରେ ଧାରଣା ଦେଇଥିବା ଗ୍ରାମବାସୀ ।

ଏବେ ପ୍ରଚଣ୍ଡ ରୌଦ୍ରତାପ ହେଉଥିବାରୁ ପାଣି ପାଇଁ ପଞ୍ଚାୟତର ଲୋକେ ତହଳ ବିକଳ ହେଉଛନ୍ତି। ଅନଶନରେ ଚନ୍ଦ୍ରଶେଖର ସାହୁ, ସରୋଜ ବିଶ୍ୱାଳ, ବିମଳ ମଲ୍ଲିକ, ପୀତବାସ ବେହେରା, ଦେବେନ୍ଦ୍ର ବେହେରା, ଯୁବରାଜ ମଲ୍ଲିକ, ଅନନ୍ତ କୁମାର ଦାସ, ସାଗର ପରିଡ଼ା, ଅକ୍ଷୟ ନାୟକ, ତମକାନ୍ତ ପାତ୍ର, ମଦନ ମଲ୍ଲିକ, ଗଣନାଥ ଜେନା, ଗିରିଧାରୀ

**୩୭ ଲକ୍ଷର ପ୍ରକଳ୍ପ ୧୩ ବର୍ଷ ହେଲା ଅଚଳ**

ଜେନା, ହୃଷୀକେଶ ବେହେରା, ଲଳିତା ବାରିକ, ପଙ୍କଜ ସ୍ୱାଇଁ, ସାଗରିକା ବେହେରା, ରାକେଶ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଜ୍ୟୋତିପ୍ରକାଶ ମିଶ୍ର, ବିଜୟ ବେହେରା ପ୍ରମୁଖଙ୍କ ସହ ଶତାଧିକ ଗ୍ରାମବାସୀ ୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବସି ରହିଥିଲେ। ଅପରାହ୍ନ ୪ଟାରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ଓ ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ଅନଶନସ୍ଥଳରେ ପହଞ୍ଚି ୨୦ ଦିନ ମଧରେ ଏହି ଅଚଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ଲିଖିତ ପ୍ରତିଶ୍ରୁତି ଦେବାପରେ ଅନଶନ ପ୍ରତ୍ୟାହୃତ ହୋଇଛି।

# କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଅର୍ଦ୍ଧଶତକମୁହାଁ

ରସୁଲପୁର,୧୯।୪(ଡି.ଏନ.ଏ.)

**ରସୁଲପୁର ବ୍ଲକ**
- ଚିନ୍ତା ବଢ଼ାଇଛନ୍ତି ସଂକ୍ରମିତ ସ୍ଥାନରୁ ଫେରୁଥିବା ଲୋକେ
- ସଂକ୍ରମଣ ଗତବର୍ଷ ତୁଳନାରେ ଅଧିକ

ରସୁଲପୁର ବ୍ଲକ ଅଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଅର୍ଦ୍ଧଶତକ ମୁହାଁ ହୋଇଛି । ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି । ଏହି ସଂଖ୍ୟା ଆହୁରି ବଢିବ ବୋଲି ଆକଳନ କରାଯାଉଛି। ଏପରି ଦ୍ରୁତ ସଂକ୍ରମଣକୁ ଦେଖି ସରକାର ସୋମବାରଠାରୁ ରାଜ୍ୟର ସମସ୍ତ ଅନ୍ତଃରାଜ୍ୟ ବସ ଚଳାଚଳ ବନ୍ଦ କରିଦେଇଛନ୍ତି । ସ୍କୁଲ, କଲେଜ, ହଷ୍ଟେଲକୁ ବନ୍ଦ ଘୋଷଣା କରାଯାଇଛି । ଏବେ ଶ୍ରମିକଠାରୁ ଆରମ୍ଭ କରି ଛାତ୍ରୀଛାତ୍ର ଘର ମୁହାଁ ହୋଇଛନ୍ତି । ସଂକ୍ରମିତ ସ୍ଥାନରୁ ବ୍ଲକ ଅଞ୍ଚଳକୁ ଫେରୁଥିବା ବ୍ୟକ୍ତିଙ୍କଠାରୁ କରୋନା ବ୍ୟାପିବାର ସମ୍ଭାବନା ରହିଛି। ଏବେ ସୁଧା ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରୁ ଅଧିକାଂଶ ବହିରାଗତ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଉଛି ।

ସଂକ୍ରମିତ ସ୍ଥାନରୁ ଫେରୁଥିବା ବ୍ୟକ୍ତିମାନଙ୍କ କୋଭିଡ୍ ଟେଷ୍ଟ ଉପରେ ଗୁରୁତ୍ୱାରୋପ କରିବାକୁ ଦାବି ହେଉଛି। ହେଲେ ସେମିତି ହେଉ ନ ଥିବାରୁ ସଂକ୍ରମିତ ବ୍ୟକ୍ତି ଅସୁସ୍ଥ ହୋଇ ଗୁରୁତର ହେବା ପରେ ଡାକ୍ତରଖାନାକୁ ଆସୁଛନ୍ତି । କରୋନା ସଂକ୍ରମିତ ଚିହ୍ନଟ ପରେ ଚିକିତ୍ସା ଆରମ୍ଭ ହେଉଛି । ଏହାପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଠାବ କରାଯାଉ ନାହିଁ। ସଂକ୍ରମତି ବ୍ୟକ୍ତିଙ୍କ ପରିବାର ଲୋକଙ୍କୁ ପ୍ରାଥମିକ ସମ୍ପର୍କ ଦର୍ଶାଇ ସେମାନଙ୍କୁ କେବଳ ଘରୋଇ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦିଆଯାଉଛି । ଅନ୍ୟ ସଂସ୍ପର୍ଶକାରୀମାନେ ଠିକ୍ ଭାବେ ଚିହ୍ନଟ ହୋଇ ପାରୁ ନ ଥିବାରୁ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ଘଟିବାର ଢେର ସମ୍ଭାବନା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ଏହି କ୍ରମରେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ୮୨ଜଣଙ୍କ ଆଣ୍ଟିଜେନ ଟେଷ୍ଟ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୫ଜଣଙ୍କ ସ୍ୱାବ୍ ଟେଷ୍ଟ ରିପୋର୍ଟ ପଜିଟିଭ ଆସିଛି । ସେହି ସଂଖ୍ୟାକୁ ମିଶାଇ ୨ସପ୍ତାହରେ ମଧରେ ବ୍ଲକ ଅଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୭ ଛୁଇଁଛି । ପ୍ରଥମ ଲହର ତୁଳନାରେ ଏଥର ସଂକ୍ରମଣ ବେଶ୍ କ୍ଷିପ୍ର ବୋଲି ଜଣାପଡିଛି । ଗତବର୍ଷ ଏପ୍ରିଲ ଦ୍ୱିତୀୟ ସପ୍ତାହ ସୁଧା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨ଅଙ୍କ ଛୁଇଁ ନ ଥିଲା । ଏ ଦିଗରେ ପ୍ରତିଶୋଧକମୂଳକ ପଦକ୍ଷେପ ଗ୍ରହଣ କରିବା ସହ ଟିକାକରଣକୁ ବ୍ୟାପକ କରିବାକୁ ସାଧାରଣରେ ଦାବି ହେଉଛି ।

## ସଙ୍ଗରୋଧ କେନ୍ଦ୍ର ପ୍ରସ୍ତୁତ ରଖିବା ପାଇଁ ନିର୍ଦ୍ଦେଶ

ଚଣ୍ଡିଖୋଲ,୧୯।୪(ଡି.ଏନ୍.ଏ)

ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଛି। ଏହାକୁ ଆଖି ଆଗରେ ରଖି ସୋମବାର ବଡ଼ଚଣା ବିଡିଓ ଅଜିତ୍ ନାରାୟଣ ଗିରି ସଙ୍ଗରୋଧ କେନ୍ଦ୍ର ପ୍ରସ୍ତୁତ ରଖିବାକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସରପଞ୍ଚମାନଙ୍କୁ ପତ୍ରଲେଖି ପରାମର୍ଶ ଦେଇଛନ୍ତି। ଏପରି କି ୨୦୨୦ କୋଭିଡ୍-୧୯ ସମୟରେ ବିଭିନ୍ନ ପଞ୍ଚାୟତରେ ଖୋଲା ଯାଇଥିବା ସଙ୍ଗରୋଧ କେନ୍ଦ୍ରର ଆସବାବପତ୍ରକୁ ପୁନର୍ବାର ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁମାନେ ରାଜ୍ୟ ବାହାରୁ ଆସିବେ, ସେମାନଙ୍କୁ ସର୍ବନିମ୍ନ ୭ଦିନ ପାଇଁ ସଙ୍ଗରୋଧ କେନ୍ଦ୍ରରେ ରହିବାକୁ ପଡ଼ିବ ବୋଲି ସୂଚନା ଦିଆଯାଇଛି। ସେଥିପାଇଁ ସମସ୍ତ ଗ୍ରାମ ପଞ୍ଚାୟତର ଅଧିକାରୀମାନଙ୍କୁ ପୂର୍ବରୁ କିଣା ଯାଇଥିବା ଖଟ, ଖଟିଆ, ବେଡ୍‌ଶିଟ୍, ବାଲ୍‌ଟି, ମଗ ଆଦି ସରଞ୍ଜାମଗୁଡ଼ିକୁ ସୁରକ୍ଷିତ ଭାବେ ସଂଗ୍ରହ କରିବା ଓ ଆବଶ୍ୟକ ପଡ଼ିଲେ କ୍ଲଷ୍ଟର ସଙ୍ଗରୋଧ କେନ୍ଦ୍ରକୁ ସେଗୁଡ଼ିକୁ ଯୋଗାଇ ଦେବା ପାଇଁ କୁହାଯାଇଛି। ଏଥିସହିତ ସମସ୍ତ ବିଭାଗୀୟ କର୍ମଚାରୀମାନଙ୍କୁ କୋଭିଡ୍ ସତର୍କତା ଅବଲମ୍ବନ କରିବା ପାଇଁ ବିଡିଓ ପରାମର୍ଶ ଦେଇଛନ୍ତି।

## ଅଶୋକାଷ୍ଟମୀ ପାଇଁ ୧୪୪ ଧାରା ଜାରି

ଯାଜପୁର ଟାଉନ, ୧୯।୪(ଡି.ଏନ୍.ଏ.)

ଦଶରଥପୁର ବ୍ଲକ ସିଦ୍ଧେଶ୍ୱର ପୀଠରେ ହେବାକୁ ଥିବା ଅଶୋକାଷ୍ଟମୀ ପୂର୍ବରୁ ପ୍ରଶାସନ ୧୪୪ ଧାରା ଜାରି କରିଛି । କରୋନା କଟକଣା ପାଇଁ ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଅଶୋକାଷ୍ଟମୀରେ ସେଠାରେ ଏକ ମେଳାର ଆୟୋଜନ କରାଯାଇଥାଏ। କିନ୍ତୁ ଚଳିତବର୍ଷ କରୋନା ପାଇଁ ପ୍ରଶାସନ ପକ୍ଷରୁ କଟକଣା ଲାଗୁ କରାଯାଇଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ପ୍ରଭୁ ସିଦ୍ଧେଶ୍ୱରଙ୍କ ପୂଜାର୍ଚ୍ଚନା ଯିବ। ପ୍ରଶାସନର ଏଭଳି ନିଷ୍ପତ୍ତିକୁ ସେବାୟତମାନେ ସ୍ୱାଗତ କରିଛନ୍ତି ।

## ଭୁଷଣ୍ଡପୁର ପଞ୍ଚାୟତରେ ସାଧାରଣ ପରିଷଦ ବୈଠକ

ବଡ଼ଚଣା,୧୯।୪(ଡି.ଏନ.ଏ.)

ବଡ଼ଚଣା ବ୍ଲକ୍ ଅଧୀନ ଭୁଷଣ୍ଡପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ୩୭ତମ ସାଧାରଣ ପରିଷଦ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଯଯାତି କେଶରୀ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କରୋନା ସଚେତନତା,ପେନସନ୍ ଯୋଜନାରେ ହିତାଧିକାରୀମାନଙ୍କୁ ସାମିଲ କରିବା, ରାଶନକାର୍ଡ଼, ସିଏମ୍.ସି ଓ ଏସଏମ୍‌ସି ଏମ୍‌ଜିଏନ୍‌ଆରଇଜିଏସ୍, ପାନୀୟ ଜଳ ପ୍ରକଳ୍ପ ଉପରେ ଆଲୋଚନା ହୋଇଥିଲା । ଏହାର ସମାଧାନ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସରପଞ୍ଚ ରାଉତ ଗୁରୁତ୍ୱାରୋପ କରିଥିଲେ। ପଞ୍ଚାୟତରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, ପରିବେଶ ସଚେତନତା, ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମଗୁଡ଼ିକ ସୁଚାର ରୁପେ ପରିଚାଳିତ ହେଉଛି ବୋଲି ସରପଞ୍ଚ କହିଥିଲେ । ଏହି ଅବସରରେ ଗ୍ରାମପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ଏନ୍‌ଆରଜିଏସ୍‌ରେ ୩୮୭ ଶତକଡ଼ା କାମ କରାଯିବା ସହିତ ଜିଲା ଓ ବ୍ଲକ୍‌ରେ ଗ୍ରାମପଞ୍ଚାୟତ ପୁରସ୍କୃତ ହେବା ପାଇଁ ସ୍ଥିର କରାଯାଇଛି। କୂଅ, ପୋଖରୀ ଆଦି ଜଳାଶ୍ରୟରୁ ପାଣି ଶୁଖିଯାଇଛି । ନଳକୂପର ଜଳସ୍ତର ହ୍ରାସ ପାଇଥିବାରୁ ଜଳକଷ୍ଟ ସମସ୍ୟା ଲାଗି ରହିଛି । ଏହି ସମସ୍ୟାକୁ ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ କରିବା ପାଇଁ ସରପଞ୍ଚ ସମସ୍ତ ୱାର୍ଡ଼ ସଭ୍ୟାସଭ୍ୟଙ୍କ ସହଯୋଗ କାମନା କରିଥିଲେ। ଭୁଷଣ୍ଡପୁର ପଞ୍ଚାୟତକୁ ବିକାଶ ପଥରେ ଆଗେଇ ନେବାକୁ ସରପଞ୍ଚ ରାଉତ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ବୈଠକରେ ନାଏବ ସରପଞ୍ଚ ଦେବକୀ ସାମଲ, ସମିତିସଭ୍ୟା ପାର୍ବତୀ ସେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମଳିକ, ଯୁବନେତା ଜୟନ୍ତ ରାଉତ ସମେତ ୧୨ଟି ୱାର୍ଡ଼ର ସମସ୍ତ ସଭ୍ୟସଭ୍ୟାମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



ବୈଠକରେ ସରପଞ୍ଚ ଓ ଲୋକପ୍ରତିନିଧିମାନେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରୁଛନ୍ତି ।

## ପାଣିକୋଇଲିରେ ହେବ ଆମ୍ବ,ପନିପରିବା ଉତ୍କର୍ଷ କେନ୍ଦ୍ର

ଯାଜପୁର ଟାଉନ,୧୯।୪(ଡି.ଏନ.ଏ.)

ପାଣିକୋଇଲି ନିକଟରେ ପ୍ରାୟ ୪୦ ଏକର ସ୍ଥାନରେ ଆମ୍ବ ଓ ଅନ୍ୟାନ୍ୟ ପନିପରିବାର ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଭାରତ ଓ ଇସ୍ରାଏଲ୍ ସରକାରଙ୍କ ମିଳିତ ସହଯୋଗରେ ଏହି କେନ୍ଦ୍ର ପ୍ରତିଷ୍ଠା ହେବ । ଡିଏମ୍‌ଏଫ୍‌ଓ ସମନ୍ୱିତ ଉଦ୍ୟାନ ମିଶନ ଏଥିପାଇଁ ୧୦କୋଟି ଟଙ୍କା ବ୍ୟୟ କରିବ। ଏହି କେନ୍ଦ୍ରରେ ଚାଷୀଙ୍କୁ ଉନ୍ନତ ଜ୍ଞାନ କୌଶଳ, ଉତ୍ପାଦନ କ୍ଷମତା ବୃଦ୍ଧି ଉପରେ ସହଯୋଗ କରାଯିବ। ସୋମବାର ଅପରାହ୍ନରେ ଡିଜିଟାଲ ପ୍ଲାଟ୍‌ଫର୍ମରେ ଏ ସମ୍ପର୍କରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର , ଉଦ୍ୟାନ ବିଭାଗର ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ଇସ୍ରାଏଲର ରାଷ୍ଟ୍ରପତି ଓ ଭାରତ ସରକାରଙ୍କ ପ୍ରତିନିଧିଙ୍କ ଆଲୋଚନା ହୋଇଛି ।

## ୨ କୁମ୍ଭମେଳା ଫେରନ୍ତାଙ୍କୁ ଠାବ କଲା ପ୍ରଶାସନ



କୁମ୍ଭମେଳାରୁ ଫେରିଥିବା ବ୍ୟକ୍ତିଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

ରସୁଲପୁର,୧୯।୪(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଧୀନ ଅର୍ଥଗାଁ ପଞ୍ଚାୟତରୁ ୨ କୁମ୍ଭମେଳା ଫେରନ୍ତାଙ୍କୁ ପ୍ରଶାସନ ଠାବ କରିଛି । ରସୁଲପୁର ବିଡ଼ିଓ ଉମାକାନ୍ତ ପରିଡା, ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ କର, ଆୟୁଷ ବିଭାଗର ଡାକ୍ତର ବସନ୍ତ ପଣ୍ଡା ପ୍ରମୁଖ ସୋମବାର ପୂର୍ବାହ୍ନରେ କୁମ୍ଭମେଳା ଫେରନ୍ତା ପରିବାରରେ ପହଁଞ୍ଚି ଥିଲେ । ସେମାନେ ଆରଟିପିସିଆର ରିପୋର୍ଟ ପ୍ରଶାସନକୁ ଦେଖାଇବାରେ ବିଫଳ ହୋଇଛନ୍ତି । ନିୟମ ମୁତାବକ ସେମାନଙ୍କୁ ୧୪ଦିନ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦିଆଯାଇଛି। ଏହି ଅବଧି ମଧରେ ସେମାନେ ଆରଟିପିସିଆର ଟେଷ୍ଟ କରିବେ । ପରୀକ୍ଷା ରିପୋର୍ଟ ପଜିଟିଭ ଆସିଲେ ସେମାନଙ୍କ ସଙ୍ଗରୋଧ ଅବଧିକୁ ବଢାଇ ଦିଆଯିବ ବୋଲି ସୂଚନା ମିଳିଛି ।

## ୮ କୁଇଣ୍ଟାଲ କାଠ କୋଇଲା ଜବତ

ଧର୍ମଶାଳା/ଚଣ୍ଡିଖୋଲ,୧୯।୪(ଡି.ଏନ୍.ଏ)

ଚଣ୍ଡିଖୋଲ ଡାଳିଯୋଡ଼ା ବନ ବିଭାଗ କର୍ମଚାରୀମାନେ ସୋମବାର ସକାଳେ ୮ କୁଇଣ୍ଟାଲ କାଠ କୋଇଲା ଜବତ କରିଛନ୍ତି। ଢେଙ୍କାନାଳରୁ କାଠ କୋଇଲା ଆଣି ଉତ୍ତର ଶାସନ ନିକଟରେ ଚୋରା ବେପାରୀମାନେ ରଖିଥିଲେ । କୌଣସି ସୂତ୍ରରୁ ଖବର ପାଇ ଚଣ୍ଡିଖୋଲ ବନପାଳ ଶଶିକାନ୍ତ ବେହେରା ଓ ଅନ୍ୟ ବନ କର୍ମଚାରୀମାନେ ଧରିଥିଲେ। ବନ ବିଭାଗ କର୍ମଚାରୀଙ୍କୁ ଦେଖି ଅଭିଯୁକ୍ତମାନେ ଖସି ପଳାଇଥିଲେ।

## ଧଳା ଜହର ଚେର ଜଳେଶ୍ୱରକୁ ଲମ୍ବିଛି

ଚଣ୍ଡିଖୋଲ,୧୯।୪(ଡି.ଏନ୍.ଏ)

କଟକ ଅବକାରୀ ବିଭାଗ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଦ୍ୱାରା ରବିବାର ଚଣ୍ଡିଖୋଲ ନିକଟ ଗାନ୍ଧୀଛକରୁ ୧୦୮ ଗ୍ରାମ ବ୍ରାଉନ୍ ସୁଗାର ଜବତ ହୋଇଥିଲା। ଏହି ଘଟଣାରେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି। ସେ ହେଲେ ବଡ଼ଚଣା ଥାନା ଅଧୀନ ବେଣାପୁର ଗ୍ରାମର ରାକେଶ ମହାପାତ୍ର। ଅବକାରୀ ବିଭାଗ ତରଫରୁ ରାକେଶଙ୍କୁ ଜେରା କରିବା ସମୟରେ ତାଙ୍କ ପାଖରୁ ବହୁ ତଥ୍ୟ ମିଳିଛି । ସେ ଜଳେଶ୍ୱରରୁ ବ୍ରାଉନ୍ ସୁଗାର ଆଣି ଚଣ୍ଡିଖୋଲ, ଛତିଆ ଓ ଧର୍ମଶାଳାରେ ବିକ୍ରି କରିଥାନ୍ତି । ତାଙ୍କର ୨ ସହଯୋଗୀ ଫେରାର ହୋଇ ଯାଇଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ତରଫରୁ ସୂଚନା ମିଳିଛି। ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ବହୁ ଅଭିଭାବକ ଏହି ଘଟଣା ପରେ ଚିନ୍ତାରେ ପଡ଼ିଛନ୍ତି। ଧଳା ଜହର ଧରି ଏହି ବ୍ୟବସାୟୀମାନେ ଯୁବପିଢ଼ି ଓ କଲେଜ ଛାତ୍ରମାନଙ୍କୁ ନିଜ କବ୍‌ଜାକୁ ନେଉଛନ୍ତି। କେବଳ ଚଣ୍ଡିଖୋଲରେ ନୁହେଁ, ଏହି ଚେର କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ ଓ ଭଦ୍ରକକୁ ବ୍ୟାପିଛି ବୋଲି ବିଭାଗ ତରଫରୁ ସୂଚନା ମିଳିଛି। ତାଙ୍କ ନିକଟରୁ ୧୦୮ ଗ୍ରାମ ବ୍ରାଉନ୍ ସୁଗାର ଜବତ କରାଯାଇଛି । ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା (ନଂ. ୨୧/୨୦୨୧) ରୁଜୁ ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ସ୍କ୍ୱାଡ୍ ଇନ୍ସପେକ୍ଟର ଜଗଦୀଶ ଚନ୍ଦ୍ର ସାମଲ ଓ କିଶୋର ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି। ତେବେ ଏହି ବ୍ୟବସାୟରେ ସମ୍ପୃକ୍ତ ଥିବା ଲୋକଙ୍କୁ ଗିରଫ କରିବାକୁ ଆଇନଜୀବୀ ଉଦୟନାଥ ସାହୁ ଦାବି କରିଛନ୍ତି।



ପୋଲିସ ଗହଣରେ ଗିରଫ ରାକେଶ

# ନିଷ୍ଠା ଆଗରେ ହାର ମାନିଛି ବୟସ

ରସୁଲପୁର,୧୯।୪(ଡି.ଏନ.ଏ.)

- ୫୦ବର୍ଷ ହେଲା ପାଦରେ ଚାଲି ମନ୍ଦିର ଆସନ୍ତି
- ଗୋକର୍ଣ୍ଣେଶ୍ୱରଙ୍କ ପାଖରେ କରିଥିବା ଶପଥ ମାନନ୍ତି
- ୭୫ବର୍ଷ ବୟସରେ ବି ଥକି ପଡ଼ି ନାହାନ୍ତି

ଅଭାବ, ଅନଟନ ସମସ୍ୟା ଜଣେ ମଣିଷକୁ ଭଗବାନଙ୍କ ନିକଟତର କରାଏ। ଭଗବାନଙ୍କୁ ସେ ବିପଦ ବେଳର ବନ୍ଧୁ ମନେକରେ । ସମର୍ପଣ ଭାବ ହିଁ ଆଶାର ଆଲୋକ ଆଣେ । ଏଭଳି ଏକ କାହାଣୀର ଉଦାହରଣ ସାଜିଛନ୍ତି ୭୫ବର୍ଷୀୟା ବୃଦ୍ଧା ଝରଣା ପ୍ରଧାନ । ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ବାରବାଟୀ ପଞ୍ଚାୟତ ମାଣତୀର ଗ୍ରାମର ଝରଣା ଏହି ବୟସରେ ବି ନିଜ ଘରଠାରୁ ଦୀର୍ଘ ୪ କି.ମି. ଦୂର ବ୍ରାହ୍ମଣୀ ନଦୀକୂଳରେ ଥିବା ଶୈବପୀଠକୁ ପାଦରେ ଚାଲି ଚାଲି ଆସନ୍ତି। ଗୋକର୍ଣ୍ଣେଶ୍ୱରଙ୍କୁ ଦର୍ଶନ କରନ୍ତି । ନିଜ ହୃଦୟ କଥା କହି ପରିବାର ସଦସ୍ୟଙ୍କ ମଙ୍ଗଳକାମନା କରନ୍ତି । ପୂଜାର୍ଚ୍ଚନା ପରେ ପୁଣି ଚାଲି ଚାଲି ଘରକୁ ଫେରନ୍ତି । ଦୀର୍ଘ ୫୦ବର୍ଷ ଧରି ଝରଣା ଏମିତି ନିଜ ପ୍ରତିଜ୍ଞା ରକ୍ଷା କରି ଆସିଛନ୍ତି । ଯେତେଦିନ ପର୍ଯ୍ୟନ୍ତ ମୁଁ ଚାଲିବାକୁ ସକ୍ଷମ ଥିବି ସେମିତି ପାଦରେ ଚାଲି ଚାଲି ଗୋକର୍ଣ୍ଣେଶ୍ୱରଙ୍କ ଦର୍ଶନ କରିବାକୁ ଆସୁଥିବି ବୋଲି କହିଛନ୍ତି । ପ୍ରତି ସୋମବାର ଓ ସଂକ୍ରାନ୍ତିରେ ଝରଣାଙ୍କୁ ଏହି ଶୈବପୀଠରେ ଦେଖିବାକୁ ମିଳେ । ଦୀର୍ଘଦିନ ତଳେ ସେ ପ୍ରଭୁଙ୍କ ନିକଟରେ କରିଥିବା ମାନସିକକୁ ପୂରଣ କରିବା ପାଇଁ ଏଭଳି ପ୍ରୟାସ ଜାରି ରଖିଥିବା କହିଛନ୍ତି । ମନ୍ଦିର ଆସିବା ପାଇଁ ଖରା, ବର୍ଷା, ଶୀତ ପ୍ରତି ତାଙ୍କର ଖାତିର ନ ଥାଏ । ବହୁ ବାଧାବିଘ୍ନ ସତ୍ତ୍ୱେ ସେ ମନ୍ଦିର ଆସନ୍ତି, ପୂଜାର୍ଚ୍ଚନା ପରେ ଘରକୁ ଫେରନ୍ତି । ଏତିକିରେ ତାଙ୍କୁ ଶାନ୍ତି ମିଳେ ବୋଲି ଝରଣା କୁହନ୍ତି ।



ଝରଣା ପ୍ରଧାନ ।

ଝରଣାଙ୍କ ଏପରି ସିଦ୍ଧାନ୍ତ ପଛରେ ରହିଛି ଗୋକର୍ଣ୍ଣେଶ୍ୱରଙ୍କ ଆଶୀର୍ବାଦ। ବିବାହ ପରେ ଝରଣାଙ୍କ କୋଳକୁ ଆସିଥିଲା ପୁଅଟିଏ । ଖୁବ୍ ଆଦର ଯତ୍ନରେ ପିଲାଟି ବଢ଼ି ଚାଲିଥିଲା । ହେଲେ ସେହି ଖୁସି ବେଶିଦିନ ରହି ନ ଥିଲା । ପୁଅକୁ ଯେତେବେଳେ ୪ବର୍ଷ କୌଣସି ରୋଗରେ ତା'ର ମୃତ୍ୟୁ ଘଟିଲା । ଏମିତି ଦୁଃଖରେ ଭାଙ୍ଗି ପଡିଲେ ଝରଣା ଓ ତାଙ୍କ ସାରା ପରିବାର । ଏହାର କିଛି ବର୍ଷ ପରେ ଝିଅଟିଏ ଜନ୍ମ ନେଲା । ତା'ର ବି ସେହି ଦଶା ହେଲା । ପୁଅ,ଝିଅକୁ ହରାଇବା ପରେ ମା' ମନ ଅଥୟ ହୋଇଉଠିଲା । ଅନ୍ୟ ଉପାୟ ନ ପାଇ ସେ ପ୍ରଭୁ ଗୋକର୍ଣ୍ଣେଶ୍ୱରଙ୍କ ଶରଣାପନ୍ନ ହେଲେ । ନିଜ ଦୁଃଖ ସେ ପ୍ରଭୁଙ୍କୁ ଜଣାଇଲେ । ଜୀବଦ୍ଦଶା ଥିବା ପର୍ଯ୍ୟନ୍ତ ସେ ପ୍ରତି ସୋମବାର ଓ ସଂକ୍ରାନ୍ତିରେ ପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିବେ ବୋଲି ମାନସିକ କଲେ । ଗୋକର୍ଣ୍ଣେଶ୍ୱରଙ୍କ କରୁଣାରୁ ତାଙ୍କ ସଂସାର ହସି ଉଠିଲା । ତାଙ୍କ ମାନସିକ ବି ପୂରଣ ହେଲା । ଏବେ ଝରଣାଙ୍କ ୨ ଝିଅ ଓ ୨ ପୁଅ ବିବାହ କରି ଭଲରେ ଅଛନ୍ତି । ନାତୁଣୀ, ନାତିମାନେ ଚାକିରି କରି ବିବାହଯୋଗ୍ୟ ହେଲେଣି । ତାଙ୍କ ପରିବାରରେ ଆଉ ସେଦିନ ଭଳି କୌଣସି ଦୁଃଖ କି ସମସ୍ୟା ନାହିଁ । ନାନା ପ୍ରାଚୁର୍ଯ୍ୟ ମଧ୍ୟରେ ତାଙ୍କ ପରିବାର ଲୋକେ କାଳ କାଟୁଛନ୍ତି । ହେଲେ ଝରଣା ନିଜ ସିଦ୍ଧାନ୍ତରୁ ଓହରି ଯାଇନାହାନ୍ତି । ନିଜ ଦେବତାଙ୍କୁ ସେ ଦେଇଥିବା କଥା, ମନରେ ମନାସିଥିବା ମାନସିକକୁ ନିଷ୍ଠାର ସହ ପାଳନ କରୁଛନ୍ତି। ସତେ ଯେମିତି ତାଙ୍କ ନିଷ୍ଠା ଆଗରେ ବୟସ ବି ହାର ମାନିଛି । ପ୍ରତି ସୋମବାର ଓ ସଂକ୍ରାନ୍ତି ଦିନ ସେ ମନ୍ଦିରକୁ ପାଦରେ ଚାଲି ଚାଲି ଆସନ୍ତି । ପୂଜା କରିବା ସହ ଠାକୁରଙ୍କ ଚନ୍ଦନ ଆଣି ପରିବାରର ସବୁ ସଦସ୍ୟଙ୍କ ମଥାରେ ପିନ୍ଧାଇ ଦିଅନ୍ତି । ସମସ୍ତଙ୍କୁ ଭୋଗ ଟିକିଏ ଖୁଆଇ ସେ ଆନନ୍ଦ ପାଆନ୍ତି ବୋଲି ଝରଣା କୁହନ୍ତି ।

## ସଂକ୍ଷେପରେ

### ୨୪ ଘଣ୍ଟାରେ ୩.୨୪ ଲକ୍ଷ ଜରିମାନା ଆଦାୟ କଲା ଗଞ୍ଜାମ ପୋଲିସ ଜିଲା

**ଛତ୍ରପୁର,୧୯।୪(ଡି.ଏନ୍.ଏ.):** ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ଗତ ୨୪ ଘଣ୍ଟା ମଧ୍ୟରେ ବିଭିନ୍ନ ଥାନା ପକ୍ଷରୁ ମାସ୍କ ଓ ଗାଡି ଯାଞ୍ଚ କରି ଅମାନିଆଙ୍କ ଠାରୁ ୩ ଲକ୍ଷ ୨୪ ହଜାର ୮୦୦ ଟଙ୍କା ଜରିମାନା ଆଦାୟ ହୋଇଛି । ସୋମବାର ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ ଟୁଇଟ କରି ସୂଚନା ଦେଇଛନ୍ତି । ଏଥିସହ ୨ ଜଣ ଅମାନିଆଙ୍କ ଡ୍ରାଇଭିଂ ଲାଇସେନ୍ସ ଜବତ କରାଯାଇ ସସ୍‌ପେଣ୍ଡ ପାଇଁ ଆରଟିଓଙ୍କୁ ପ୍ରେରଣ କରାଯାଇଛି । ବେଆଇନ ମଦ କାରବାର ଉପରେ ଚଢାଉ କରାଯାଇ ୪ ଜଣଙ୍କୁ ଗିରଫ କରାଯିବା ସହ ୪୬.୫ ଲିଟର ମଦ ଜବତ ହୋଇଥିବା ଏସପି ସୂଚନା ଦେଇଛନ୍ତି ।

### ଏନ୍‌ଏସି ଜାରି କଲା ସତର୍କ ସୂଚନା

ଜି.ଉଦୟଗିରି,୧୯।୪(ଡି.ଏନ.ଏ.): କୁମ୍ଭମେଳାରେ ସାମିଲ ହୋଇଥିବା ଓଡିଶାର ଶ୍ରଦ୍ଧାଳୁମାନେ ମଧ୍ୟ କରୋନା ସଂକ୍ରମିତ ହୋଇଥାଇପାରନ୍ତି। ତେଣୁ କୁମ୍ଭମେଳାରୁ ଫେରୁଥିବା ଲୋକେ କରୋନା ଟେଷ୍ଟ କରିବା ସହିତ ୧୪ ଦିନ ସଙ୍ଗରୋଧରେ ରହିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଜି.ଉଦୟଗିରି ଏନ୍‌ଏସି ତରଫରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଏ ନେଇ ସତର୍କ ସୂଚନା ଜାରି କରାଯାଇଛି। କୁମ୍ଭମେଳାରୁ ଫେରୁଥିବା ଲୋକଙ୍କ ସମ୍ପର୍କରେ ଜାଣିଲେ ଏନ୍‌ଏସି କାର୍ଯ୍ୟାଳୟରେ ଅବଗତ କରାଇବା ସେମାନଙ୍କ ପ୍ରତି ସତର୍କ ରହିବା, ସାମାଜିକ ଦୂରତା ବଜାୟ ରଖିବାକୁ କୁହାଯାଇଛି।

### ନବଜାତ ଶିଶୁପୁତ୍ର ମୃତଦେହ ଜବତ

ବେଗୁନିଆପଡ଼ା,୧୯।୪(ଡି.ଏନ.ଏ.): ବେଗୁନିଆପଡ଼ା ଫାଣ୍ଡି ସାଙ୍କୁଡ଼ା ପଞ୍ଚାୟତ ତିତିରିଡି ବାଙ୍କ ବନ୍ଧ ବରଗଛ ମୂଳରୁ ସୋମବାର ଏକ ନବଜାତ ଶିଶୁ ପୁତ୍ରର ମୃତଦେହ ପୋଲିସ ଜବତ କରିଛି। ଉକ୍ତ ଗଛ ମୂଳରେ କେହି ଜଣେ ନବଜାତ ଫିଙ୍ଗି ଦେଇଥିବା ବେଳେ ମୃତଦେହକୁ କାଉ, କୁକୁର ଝୁଣି କ୍ଷତାକ୍ତ କରିଥିବା ଜଣାପଡ଼ିଛି। ବେଗୁନିଆପଡା ପୋଲିସ ପହଞ୍ଚି ତଦନ୍ତ କରିବା ସହ କୋଦଳା ଥାନା ନଂ. ୨/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଫାଣ୍ଡି ଅଧିକାରୀ ଦୀପ୍ତିରଞ୍ଜନ ବେହେରା କହିଛନ୍ତି।

### ତାଲୁକା କୈବର୍ତ୍ତ ସମାଜର ବନ୍ଧୁମିଳନ

ଶେରଗଡ଼,୧୯।୪(ଡି.ଏନ.ଏ.):ଶେରଗଡ଼ ତାଲୁକା କୈବର୍ତ୍ତ ସମାଜର ବନ୍ଧୁ ମିଳନ ଓ ଏକ ଜରୁରୀ ବୈଠକ ପୁନାଦ ସ୍ଥିତ ଶିବ ମନ୍ଦିରରେ ସୋମବାର ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉଜ୍ଜଳ ବେହେରା ସଭାପତିତ୍ୱ କରିଥିଲେ। କୈବର୍ତ୍ତ ସମାଜ ଶେରଗଡ଼ ତାଲୁକାର ସମ୍ପାଦକ ପାଣ୍ଡବ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ବନ୍ଧୁ ମିଳନ ଓ ବୈଠକରେ ୮ଖଣ୍ଡ ମୁଠାର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ବୈଠକରେ ସମସ୍ତଙ୍କୁ ମାସ୍କ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଭି ବେହେରା, ସୂର୍ଯ୍ୟ ବେହେରା, ନିର ବେହେରା, ରାଜେନ୍ଦ୍ର ବେହେରା, ନାରାୟଣ ବେହେରା, ଜୀବନ ବେହେରା ଓ ଅନନ୍ତ ବେହେରାଙ୍କ ସମେତ ୮ଖଣ୍ଡ ମୁଠାର ସଭ୍ୟମାନେ ଯୋଗ ଦେଇଥିଲେ।

### ଫାର୍ମ ହାଉସରୁ ୧୦ ଫୁଟ୍‌ର ସାପ ଉଦ୍ଧାର

ବୁଗୁଡ଼ା,୧୯।୪(ଡି.ଏନ.ଏ.):ବୁଗୁଡ଼ା ବ୍ଲକ ବି.ବ୍ରହ୍ମପୁର ଗ୍ରାମର ଶରତ ଚନ୍ଦ୍ର ଦାଶଙ୍କ ଏକ ଫାର୍ମ ହାଉସରୁ ସୋମବାର ବନ ବିଭାଗ ପକ୍ଷରୁ ଏକ ୧୦ ଫୁଟିଆ ବିଷଧର ପାହାଡ଼ିଆ ଚିଟି ସାପ ଉଦ୍ଧାର କରାଯାଇଛି। ଶରତଙ୍କ ପୁତ୍ର ଫାର୍ମ ହାଉସକୁ ଗାଧୋଇବାକୁ ଗଲା ବେଳେ ସେଠାରେ ଏହି ସାପକୁ ଦେଖି ବନ ବିଭାଗକୁ ଜଣାଇଥିଲେ। ବନରକ୍ଷୀ ପ୍ରଦୀପ ପରିଚ୍ଛା, ରିଙ୍କୁ ସେଠୀ ଓ ରଶ୍ମିରଞ୍ଜନ ପ୍ରଧାନ ପ୍ରମୁଖ ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ ଟାଙ୍ଗିରି ଜଙ୍ଗଲରେ ଛାଡ଼ି ଦେଇଥିବା ଜଣାପଡ଼ିଛି।

### ଗଜପତିରେ ୧୦ ପଜିଟିଭ୍

ପାରଳାଖେମୁଣ୍ଡି,୧୯।୪(ଡି.ଏନ୍.ଏ.): ଗଜପତି ଜିଲାରେ ସୋମବାର ପୁଣି ୧୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ପାରଳାଖେମୁଣ୍ଡି ସହରର ୨, ଗୋଷାଣି ବ୍ଲକରୁ ୩, କାଶୀନଗର ବ୍ଲକରୁ ଜଣେ ଏବଂ ଆର.ଉଦୟଗିରି ବ୍ଲକରୁ ୪ଜଣ ଅଛନ୍ତି। ଏହାକୁ ମିଶାଇ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୩୪୫କୁ ବୃଦ୍ଧି ପାଇଛି। ଜିଲାରେ ୬ଜଣ କରୋନା ଯୋଦ୍ଧାଙ୍କ ସମେତ ୩୨ଜଣ ମୃତ୍ୟୁବରଣ କରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଦୁଇ ଗାଁ ମୁହାଁମୁହିଁ, ଉତ୍ତେଜନା



ଡାଳିମମଡାର ଗାଁ ଲୋକ ରାସ୍ତା ନିର୍ମାଣକୁ ବିରୋଧ କରି ତାରବାଡ଼ ପାଇଁ ଖୁଣ୍ଟ ପୋତୁଛନ୍ତି।



ଉତ୍ୟକ୍ତ ଗ୍ରାମବାସୀ।

**ନୟାଗଡ଼ ଅଫିସ,୧୯।୪**

■ ଠାକୁରଙ୍କ ଜମିରେ ରାସ୍ତାକୁ ନେଇ ବିବାଦ

■ ଉପଜିଲାପାଳଙ୍କୁ ଭେଟିଲେ ନୂଆ ରାଇପୁର ବାସିନ୍ଦା

ଶ୍ରୀଗୋପୀନାଥ ଜୀଉ ମନ୍ଦିରର ଜମିରେ ମାଟି ପକାଇ ରାସ୍ତା ନିର୍ମାଣ କରିବାରୁ ବିବାଦ ସୃଷ୍ଟି ହୋଇଛି। ଏ ନେଇ ନୟାଗଡ ସଦର ଥାନା ନୂଆ ରାଇପୁର ଓ ଡାଳିମପଡା ଗାଁ ଲୋକ ମୁହାଁମୁହିଁ ହୋଇଥିଲେ। ଡାଳିମମଡାର ଗାଁ ଲୋକ ରାସ୍ତା ନିର୍ମାଣକୁ ବିରୋଧ କରି ସୋମବାର ଠାକୁରଙ୍କ ଜମିରେ ତାରବାଡ କରିବା ପରେ ଉତ୍ତେଜନା ବଢ଼ିଥିଲା। ତେବେ ଘଟଣାସ୍ଥଳରେ ନୂଆ ରାଇପୁର ବାସିନ୍ଦା ଧାରଣା ଦେବା ପରେ ତାରବାଡ ଦେବା ସୁବିଧା ହୋଇ ନ ଥିଲା। ଏଭଳିସ୍ଥଳେ ନୂଆ ରାଇପୁରର କେତେଜଣ ଲୋକ ଉପଜିଲାପାଳଙ୍କୁ ଭେଟି ନ୍ୟାୟ ଦେବାକୁ ଫେରାଦ ହୋଇଥିଲେ। ପରେ ନୟାଗଡ ସଦର ଥାନାରେ ଅଭିଯୋଗ କରିବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆପୋସ ସମାଧାନ ମାଧ୍ୟମରେ ବିବାଦ ତୁଟାଇବାକୁ ଉଭୟପକ୍ଷଙ୍କୁ ଡାକିଛି। ନୂଆ ରାଇପୁର ଗାଁ ଲୋକଙ୍କ ଅଭିଯୋଗ ଅନୁସାରେ, ଶ୍ରୀଗୋପୀନାଥ ଜୀଉ ବିଜେ ଠାକୁରଙ୍କ ଜମିରେ ଏକ ରାସ୍ତା ପଡିଛି। ଏହି ରାସ୍ତା ଦେଇ ନୂଆ ରାଇପୁର ଲୋକ ବାପଅଜା ଅମଳରୁ ଯିବା ଆସିବା କରୁଛନ୍ତି। ରାସ୍ତାଟି ମରଣଯନ୍ତା ପାଲଟିବାରୁ ଗାଁଲୋକ ନିଜ ଶ୍ରମରେ ରବିବାର ମରାମତି କରୁଥିଲେ। ଡାଳିମମଡା ଲୋକ ବିରୋଧ କରିବାରୁ ରବିବାର ରାସ୍ତାକାମ ବନ୍ଦ ଥିଲା। ସୋମବାର ଡାଳିମମଡା ଗାଁଲୋକ ବିଭିନ୍ନ ମାରଣାସ୍ତ୍ର ଧରି ରାସ୍ତାରେ ତାରବାଡ ଦେବାରୁ ଉତ୍ତଜନା ବଢ଼ିଥିଲା ବୋଲି ନୂଆ ରାଇପୁରର ଦୟାନିଧି ବରାଡ, ଚନ୍ଦ୍ରମଣି ବରାଡ ଉପଜିଲାପାଳ ଓ ଥାନାରେ ଅଭିଯୋଗ କରିଥିଲେ। ନୂଆ ରାଇପୁରର ଧନେଶ୍ୱର ପରିଡା କୁହନ୍ତି, ସୋମବାର ଡାଳିମମଡାର ୩୦୦ରୁ ଊର୍ଦ୍ଧ୍ୱ ଲୋକ ମାରଣାସ୍ତ୍ରରେ ସଜିତ ହୋଇ ତାରବାଡ ଦେବାକୁ ଆସିଥିଲେ। ରାସ୍ତା ବନ୍ଦ କରି ଦେଲେ ଆମକୁ ଯିବା ଆସିବାରେ ଅସୁବିଧା ହେବ। ଏଣୁ ଆମେ ଧାରଣା ଦେଇ ପ୍ରତିବାଦ କରିଥିଲୁ। ସଦର ଥାନା ଆଇଆଇସି ଶରତ ପାତ୍ର କୁହନ୍ତି, ଦୁଇ ଗାଁ ମଧ୍ୟରେ ଲାଗିଥିବା ବିବାଦର ସମାଧାନ କରାଯିବ। ଏ ନେଇ ଉଭୟପକ୍ଷଙ୍କ ସହ ଆଲୋଚନା କରାଯାଇ ନିଷ୍ପତ୍ତି ହୋଇଛି। କେହି ବିବାଦ କରିବେ ନାହିଁ ବୋଲି ନିଷ୍ପତ୍ତି ହୋଇଛି ବୋଲି ସେ କହିଛନ୍ତି।

# ଶିକାରୀ ଗୁଳିରେ ଗୁରୁତର ମହିଳା ମୃତ

**ପାତ୍ରପୁର,୧୯।୪(ଡି.ଏନ.ଏ.)**

ଶିକାରୀ ଗୁଳିରେ ଗୁରୁତର ହୋଇଥିବା ଜରଡ଼ା ଥାନା କୁସମାଳ ଗ୍ରାମର ଦୁର୍ଲ୍ଲଭ କାର୍ଜିଙ୍କ ଝିଅ ମମିତା ଭୂୟାଁଙ୍କ ସୋମବାର ମୃତ୍ୟୁ ଘଟିଛି। ମମିତା ଗତ ଶନିବାର ଜଙ୍ଗଲରେ ଜାଳେଣି କାଠ ସଂଗ୍ରହ କରୁଥିବା ବେଳେ ଶିକାରୀଙ୍କ ବନ୍ଧୁକ ଗୁଳି ତାଙ୍କ ବେକରେ ବାଜିଥିଲା। ସେ ଗୁରୁତର ହେବାରୁ ଶିକାରୀ ମମିତାଙ୍କୁ ନିଜ ଘରକୁ ନେଇ ଚେରମୂଳି ଚିକିତ୍ସା କରିଥିଲେ। ଅନ୍ୟପଟେ ଝିଅ ଘରକୁ ନ ଫେରିବାରୁ ଦୁର୍ଲ୍ଲଭ ଜଙ୍ଗଲରେ ଖୋଜାଖୋଜି କରି ରବିବାର ଡାବୁଥଳି ଗ୍ରାମରୁ କିଛି ସମ୍ପର୍କୀୟଙ୍କୁ ଧରି କୁସମଳା ଗ୍ରାମର ଶିକାରୀଙ୍କ ଘରେ ପହଞ୍ଚିଥିଲେ। ଶିକାରୀ ମମିତାଙ୍କୁ ହସ୍ତାନ୍ତର ନ କରି ଆମେ ଚିକିତ୍ସା କରିବୁ ବୋଲି ଦୁର୍ଲ୍ଲଭଙ୍କ ସହ ଯୁକ୍ତି କରିଥିଲେ। ଏଥିସହ ଶିକାରୀଙ୍କ ପରିବାର ପକ୍ଷରୁ ଦୁର୍ଲ୍ଲଭଙ୍କୁ ଜୀବନରେ ମାରିଦେବାକୁ ଧମକ ଦିଆଯାଇଥିଲା। ମମିତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଛାଡ଼ି ଦୁର୍ଲ୍ଲଭ ଓ ସମ୍ପର୍କୀୟମାନେ ଏ ନେଇ ରବିବାର ରାତିରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୮୫/୨୧ରେ ମାମଲା ରୁଜୁ କରି ସୋମବାର ପାହାଡ଼ ଚଢି ତଦନ୍ତ କରିବା ସହ ମମିତାଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣୁଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଜରଡ଼ା ଥାନାଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି।

# ସରକାରୀ କାର୍ଯ୍ୟାଳୟ ଆସିବା ମନା

**ପାରଳାଖେମୁଣ୍ଡି,୧୯।୪(ଡି.ଏନ୍.ଏ.)**

**ଅଭିଯୋଗ ଶୁଣାଣି କେନ୍ଦ୍ର ଖୋଲିଲା**

ମହାମାରୀ କରୋନା ଗଜପତି ଜିଲାରେ ପୁଣି କାୟାବିସ୍ତାର ଆରମ୍ଭ କଲାଣି। ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢି ଚାଲିଛି। ଏଥିପାଇଁ ସାଧାରଣ ଲୋକେ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ନ ଆସିବା ପାଇଁ ସରକାର କହିଛନ୍ତି। ସାଧାରଣ ଲୋକଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିଯୋଗ ଶୁଣାଣି କେନ୍ଦ୍ର ଆରମ୍ଭ କରାଯାଇଛି। ଏହି କେନ୍ଦ୍ର ସକାଳ ୭ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଖୋଲା ରହିବ। ଜନସାଧାରଣ ନିଜ ଅଭିଯୋଗ ଲିଖିତ ଭାବେ ସେଠାରେ ଦେଇପାରିବେ। ଜନସାଧାରଣ ମଧ୍ୟ ଫୋନ (ନଂ. ୦୬୮୧୫-୨୨୨୧୦୦/ ୧୮୦୦୩୪୫୨୩୦୬)ରେ ଜଣାଇପାରିବେ। ଇ-ମେଲ dm-gajapati@nic.inରେ ମଧ୍ୟ ଅଭିଯୋଗ ଦାଖଲ କରିପାରିବେ। ଏଥିରେ ସହଯୋଗ କରି ଜିଲାକୁ କରୋନାମୁକ୍ତ କରାଇବାକୁ ଜିଲାପାଳ ଅନୁପମ ସାହା ଜିଲାବାସୀଙ୍କୁ ଅନୁରୋଧ କରିଛନ୍ତି।

# କଳାବ୍ୟାଜ୍ ପିନ୍ଧି ପ୍ରାଣୀ ଚିକିତ୍ସକଙ୍କ ପ୍ରତିବାଦ




ଜିଲାପାଳଙ୍କୁ ଭେଟିବାକୁ ଯାଉଥିବା ପ୍ରାଣୀ ଚିକିତ୍ସକମାନେ।

**ନୟାଗଡ ଅଫିସ,୧୯।୪**

**ଦାବି ପୂରଣ ନ ହେଲେ ମେ୧ ରୁ କଲମ୍ ଛାଡ**

ସରକାରୀ ଅବହେଳା ପ୍ରତିବାଦରେ ସୋମବାରଠାରୁ ପ୍ରାଣୀ ଚିକିତ୍ସକମାନେ କଳାବ୍ୟାଜ ପରିଧାନ କରି ନୟାଗଡ଼ରେ ପ୍ରତିବାଦ କରିଛନ୍ତି। ଏ ନେଇ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକଙ୍କ ସମେତ ୨୭ଜଣ ମିଳିତ ଭାବେ ପ୍ରାଣୀ ଚିକିତ୍ସକ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି। ଅଭିଯୋଗ ଅନୁସାରେ, ଦୀର୍ଘ ୨୦ବର୍ଷ ଭିତରେ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ମାନବ ସମ୍ବଳ ୩୦ ପ୍ରତିଶତକୁ ହ୍ରାସ ପାଇଛି। କିନ୍ତୁ ବିଭାଗୀୟ କାର୍ଯ୍ୟ ୩୦୦ ପ୍ରତିଶତକୁ ବୃଦ୍ଧି ପାଇଛି। ହେଲେ ପ୍ରାଣୀ ଚିକିତ୍ସକମାନେ କର୍ତ୍ତବ୍ୟରେ ଅବହେଳା କରି ନାହାନ୍ତି। ପୁଣି କରୋନା ଯୋଦ୍ଧାର ମାନ୍ୟତା ମିଳି ନ ଥିଲେ ମଧ୍ୟ ଲକ୍‌ଡାଉନ ଓ ଶର୍ଟ ଡାଉନ ସମୟରେ ସେବା ଯୋଇ ଆସିଛନ୍ତି। ପ୍ରାଣୀ ଚିକିତ୍ସକମାନେ ସାଧାରଣ ଡାକ୍ତରଙ୍କ ପରି ୫ବର୍ଷ ୬ ମାସର ପାଠ୍ୟକ୍ରମ ପଢ଼ିଥାନ୍ତି। ଉଭୟ ଡାକ୍ତର ଏଲୋପାଥିକ ସେବା କରନ୍ତି। ଏଣୁ କେନ୍ଦ୍ର ଓ ୨୦ରୁ ଊର୍ଦ୍ଧ୍ୱ ରାଜ୍ୟ ସରକାର ଉଭୟ ଡାକ୍ତରଙ୍କୁ ସମାନ ଦୃଷ୍ଟିରେ ଦେଖୁଛନ୍ତି। କିନ୍ତୁ ଓଡ଼ିଶାରେ ପ୍ରାଣୀ ଚିକିତ୍ସକ ଅବହେଳା ଓ ଉପେକ୍ଷିତ ହେଉଛନ୍ତି। ପ୍ରାଣୀ ଚିକିତ୍ସକଙ୍କ ଏସବୁ ଦାବି ପୂରଣ ନ ହେଲେ ଏପ୍ରିଲ ୨୫ରେ ଡିଜିଟାଲ ସେବା ବର୍ଜନ କରିବେ। ମେ ୧ରେ କଲମ ଛାଡ ଆନ୍ଦୋଳନ, ମେ ୧୫ରେ ସମୁହ ଛୁଟିରେ ଯିବେ। ମେ ୨୫ରେ ସମୂହ ଇସ୍ତଫା ଦେବେ ବୋଲି ଘୋଷଣା କରିଛନ୍ତି।

# ପାରଳା ମୁଖ୍ୟରାସ୍ତାରୁ ଜବରଦଖଲ ଉଚ୍ଛେଦ

**ପାରଳାଖେମୁଣ୍ଡି,୧୯।୪(ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ସହରର ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱକୁ ଲାଗି ରହିଥିବା ସ୍ଥାନଗୁଡିକରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ବହୁ ବର୍ଷ ହେଲା ଜବରଦଖଲକାରୀମାନେ ଉକ୍ତ ରାସ୍ତାରେ ଥିବା ନାଳ ଉପରେ ଅସ୍ଥାୟୀ ଭାବେ ଦୋକାନ ଗୃହ କରିଥିଲେ ଏବଂ ଏଠାରେ ବହୁ ଲୋକ ରୁଣ୍ଡ ହେଉଥିଲେ। କରୋନାର ଦ୍ୱିତୀୟ ଲହର ଦୃଷ୍ଟିରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୌରପରିଷଦର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ ଓ ପାରଳା ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ ତତ୍ତ୍ୱାବଧାନ କରିଥିବା ବେଳେ ପୌରଯନ୍ତ୍ରୀ ସଞ୍ଜୀବ ଚମ୍ପତି, କନିଷ୍ଠ ଯନ୍ତ୍ରୀ ଡି. ଯୁଧିଷ୍ଠିର, ମଧୁସ୍ମିତା ଦାସ ଓ ସ୍ଥାନୀୟ ପୋଲିସ କର୍ମଚାରୀଙ୍କ ସହ ପୌରପରିଷଦର କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକୁ ସମ୍ପାଦନ କରିଥିଲେ।

# ଏସ୍‌ଏଚ୍‌ଜିର ତେଲ କମ୍ପାନୀ ଉଦ୍‌ଘାଟିତ



ଉପସ୍ଥିତ ଜିଲାପାଳ, ଏମ୍‌ପି, ବିଧାୟିକା ଓ ଅନ୍ୟମାନେ।

**କବିସୂର୍ଯ୍ୟନଗର,୧୯।୪**

କବିସୂର୍ଯ୍ୟନଗର ବ୍ଲକ ଏ.ବରିଡା ପଞ୍ଚାୟତରେ ଦଧିବାମନ ମହିଳା ଗ୍ରୁପ ଦ୍ୱାରା ଚାଲିଥିବା ତେଲ କମ୍ପାନୀକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପରିଦର୍ଶନ କରିଛନ୍ତି। ମହିଳାମାନେ ନଡ଼ିଆ ତେଲ, ସୋରିଷ ତେଲ ଓ ସୂର୍ଯ୍ୟମୁଖୀ ତେଲ ପ୍ରସ୍ତୁତ କରି ସ୍ୱାବଲମ୍ବୀ ହେବେ। ଏଥିସହ ଲୋକଙ୍କୁ ଶୁଦ୍ଧ ଖାଇବା ତେଲ ଯୋଗାଇବାରେ ବେଶ୍ ସହାୟକ ହୋଇପାରିବେ ବୋଲି ଜିଲାପାଳ କହିବା ସହ ଏହାର ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଆହୁରି ଅଧିକ ସହଯୋଗ କିଭଳି ଯୋଗାଇ ଦିଆଯିବ ସେ ନେଇ ପ୍ରୟାସ କରାଯିବ ବୋଲି ଜିଲାପାଳ କହିଥିଲେ। ଜିଲାପାଳଙ୍କ ସହ ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ସମେତ ସ୍ଥାନୀୟ ବିଡିଓ ବାସୁଦେବ ନାୟକ, ଓଡ଼ିଶା ଜୀବିକା ମିଶନ ବିପିଏମ୍ ରାଜକିଶୋର ସାହୁ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦଶପଲ୍ଲାରେ ପ୍ରଶାସନ ପକ୍ଷରୁ ରାତ୍ରି ପହରା



ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳରେ ପୋଲିସ ପକ୍ଷରୁ ରାତ୍ରିକାଳୀନ ପହରା ଦିଆଯାଇଛି।

**ଦଶପଲ୍ଲା, ୧୯।୪ (ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଓ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କରୋନା ସଂକ୍ରମଣକୁ ରୋକିବାକୁ ୧୭ ତାରିଖଠାରୁ ଦଶପଲ୍ଲାରେ ରାତ୍ରିକାଳୀନ କର୍ଫ୍ୟୁ ଏବଂ ୧୪୪ ଧାରା ଲାଗୁ କରାଯାଇଛି। ବିଳମ୍ବିତ ରାତ୍ରିରେ ଦଶପଲ୍ଲା ତହସିଲଦାର ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ନେତୃତ୍ୱରେ ଥାନା ଅଧିକାରୀ କିରଣ ହେମ୍ବ୍ରମ, ସେକେଣ୍ଡ ଅଫିସର ଚକ୍ରଧର ସିଂ ସଦଳବଳେ ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ସାହି ବୁଲି ସ୍ଥିତି ଅନୁଧ୍ୟାନ କରିବା ସହ ପହରା ଦେଉଥିବା ଦେଖାଯାଉଛି। ପୂର୍ବରୁ ଏନ୍‌ଏସି, ଏବଂ ବଣିକ ମହାସଂଘ ପକ୍ଷରୁ ମଧ୍ୟ ଡାକବାଜି ଯନ୍ତ୍ର ଯୋଗେ ରାତି ସାଢେ ୮ଟା ସୁଦ୍ଧା ଦୋକାନ ବଜାର ବନ୍ଦ କରିବାକୁ ଜଣାଇ ଦିଆଯାଇଥିଲା।

## ଭଞ୍ଜନଗରରେ ପୁଣି ବର୍ଷା
# ଗ୍ରାମାଞ୍ଚଳରେ ସ୍ୱାଭାବିକ ହୋଇନି ବିଦ୍ୟୁତ୍ ସେବା

**ଭଞ୍ଜନଗର,୧୯।୪(ଡି.ଏନ.ଏ)**

ଭଞ୍ଜନଗର ଅଞ୍ଚଳରେ ରବିବାର ଅପରାହ୍ଣରେ କାଳ ବୈଶାଖୀ ପ୍ରଭାବରେ ହୋଇଥିବା ବର୍ଷାପବନରେ ବ୍ୟାପକ କ୍ଷତି ହୋଇଥିଲା। ସୋମବାର ଅପରାହ୍ଣରେ ପୁଣି ଭଞ୍ଜନଗର ସହରରେ ଅଳ୍ପ ସମୟ ପାଇଁ ପ୍ରବଳ ବର୍ଷା ହୋଇଛି। ରବିବାର ଭଞ୍ଜନଗର ସମେତ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସେବା ପ୍ରଭାବିତ ହୋଇଥିଲା। ରାତି ପ୍ରାୟ ୧ଟାରେ ସହରର ଅଧିକାଂଶ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇଥିଲା। ଗ୍ରାମାଞ୍ଚଳରେ ସୋମବାର ଅପରାହ୍ଣ ବିଦ୍ୟୁତ୍ ସେବା ସ୍ୱାଭାବିକ ହେଉଥିଲେ ମଧ୍ୟ ସହରତଳି ଛେଦାଭୁମି ସମେତ ଅନେକ ଗ୍ରାମକୁ ବିଦ୍ୟୁତ ଯୋଗାଣ ହୋଇପାରିନାହିଁ।

# ପୋଖରୀରେ ବୁଡ଼ି ନାବାଳିକା ମୃତ

**ପୋଲସରା,୧୯।୪(ଡି.ଏନ.ଏ.)**

ପୋଲସରା ବ୍ଲକ ଚିରିକିପଡା ଶାସନ ଗ୍ରାମ ତୁମ୍ବେଶ୍ୱର ସାହିର ରାଜୀବ ସାହୁଙ୍କ ଝିଅ ପାୟଲ(୭)ଙ୍କ ସୋମବାର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ସକାଳେ ମା'ଙ୍କ ସହ ଗ୍ରାମର କୁମ୍ଭାର ନୁଣ୍ଡା ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ତାଙ୍କୁ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି।

# ଅଭିଯୁକ୍ତ ଜେଲ ଗଲେ

**ଦିଗପହଣ୍ଡି,୧୯।୪(ଡି.ଏନ.ଏ.)**

**ଯୁବକଙ୍କୁ ହତ୍ୟା ଉଦ୍ୟମ ମାମଲା**

ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ଦିଗପହଣ୍ଡି ପୋଲିସ ସୋମବାର ଛଣମେରୀ ଗ୍ରାମ ନୂଆସାହିର ଅମିତ କୁମାର ପ୍ରଧାନଙ୍କୁ କୋର୍ଟ ଚାଲାଣ କରିଛି। ମାମଲା ନଂ.୮୭/୨୧ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି। ତାଙ୍କ ନିକଟରୁ ପୋଲିସ ଏକ କାତି ଜବତ କରିଛି। ପୋଲିସ ସୂଚନାନୁସାରେ, ଗତ ଗୁରୁବାର ରାତିରେ ଛଣମେରୀ ଗାଁର ଗୌରହରି ବେହେରା, ସଚିନ ପାଢ଼ୀ ଏବଂ ସିଲୁ ଓରଫ ଅରୁଣ ପ୍ରଧାନ ଅଭିଯୁକ୍ତ ଅମିତଙ୍କ ଘର ସମ୍ମୁଖରେ ଠିଆ ହୋଇଥିବା ବେଳେ ଅମିତ ଘରୁ ଏକ କାତି ଆଣି ପ୍ରଥମେ ସଚିନଙ୍କ ମୁଣ୍ଡକୁ ଚୋଟ ପକାଇଥିଲେ। ଅରୁଣ ଛଡ଼ାଇବାକୁ ଯିବାରୁ ସେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ସେ ଦୁହିଁଙ୍କୁ ପରିବାର ଲୋକେ ପ୍ରଥମେ ଦିଗପହଣ୍ଡି ମେଡିକାଲ ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଅରୁଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଯାଇଥିଲା। ଘଟଣାଦିନ ରାତିପ୍ରାୟ ୯ ଟାରେ ସମସ୍ତେ ସାଙ୍ଗ ହୋଇ ଡେଙ୍ଗାଓସ୍ତା ଗ୍ରାମର ଏକ ଢ଼ାବା ହୋଟେଲରେ ଖାଇବା ପରେ କୌଣସି ବିଷୟକୁ ନେଇ ପରସ୍ପର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏ ନେଇ ଅମିତ ହତ୍ୟା ଉଦ୍ୟମ କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ।

# ଚିଲିକାରୁ ବେଆଇନ ଚିଙ୍ଗୁଡ଼ିଘେରି ଉଚ୍ଛେଦ

**ଖଲ୍ଲିକୋଟ,୧୯।୪(ଡି.ଏନ.ଏ.)**

ଖଲ୍ଲିକୋଟ ତହସିଲ ଅଧୀନ ଚିଲିକାରେ ଥିବା ୧୫୮ ଏକର ବେଆଇନ ଚିଙ୍ଗୁଡ଼ିଘେରି ସୋମବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଦୀର୍ଘଦିନ ହେବ ସମଲନାସି, ଧମାବାଲି ଅଞ୍ଚଳରେ ବେଆଇନ୍ ଚିଙ୍ଗୁଡ଼ି ଘେରି ଚାଲିଥିଲା। ଏହାକୁ ଭାଙ୍ଗିବା ପାଇଁ ପୂର୍ବରୁ ନୋଟିସ ଜାରି ହୋଇଥିଲା। ଖଲ୍ଲିକୋଟ ତହସିଲଦାର ରାଜ କିଶୋର ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଜ୍ୟୋତିର୍ମୟ ଦାସ, ରେଭିନ୍ୟୁ ସୁପରଭାଇଜର ତ୍ରିଲୋଚନ ବିଶ୍ୱାଳ, କେଶପୁର ଆଇଆଇସି ମୀନକେତନ ଶବରଙ୍କ ସମେତ ଜିଲା ମତ୍ସ୍ୟ ଅଧିକାରୀ, ସିଡିଏ ଏବଂ ପୋଲିସ ମିଳିତ ଚଢ଼ାଉ କରି ୧୩୮ ଏକର ନେଟଘେରି ଏବଂ ୨୦ ଏକର ପଣ୍ଡ ଘେରି ମୋଟ ୧୫୮ ଏକର ଘେରି ଭଙ୍ଗାଥିଲା ଚିଲିକାକୁ ବେଆଇନ ଘେରି ଉଚ୍ଛେଦ କରାଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି।



ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଉଛି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୦ ଏପ୍ରିଲ, ୨୦୨୧



## ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ

**ଖଣ୍ଡପଡା (ସ୍ୱ.ପ୍ର):** ଖଣ୍ଡପଡା ସହର ୩ ନଂ. ୱାର୍ଡ କାଦୁଆସାହିର ସମ୍ବିତ ଭୂଷଣ ଜେନା (୧୬)ଙ୍କର ସୋମବାର ପୂର୍ବାହ୍ନରେ ଅସ୍ୱାଭାବିକ ଭାବେ ମୃତ୍ୟୁ ହୋଇଛି। ସମ୍ବିତ ଖଣ୍ଡପଡା ପଠାଣି ସାମନ୍ତ ମହାବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ଶ୍ରେଣୀର ପ୍ରଥମ ବର୍ଷ ଛାତ୍ର ଥିଲେ। ସେ ଖଣ୍ଡପଡା ଅଜା ଘରେ ରହି ପାଠ ପଢୁଥିଲେ। ଗତ ୩ ଦିନ ଧରି ସେ ଅସୁସ୍ଥ ଥିବା ପରିବାରବର୍ଗଙ୍କ ସୂତ୍ରରୁ ପ୍ରକାଶ।

# ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ସ୍ୱାସ୍ଥ୍ୟ ବିଭାଗର ଅଣଦେଖା

## କୋଭିଡ୍ ଯୋଦ୍ଧା ଛଟେଇ କର୍ମଚାରୀଙ୍କୁ ନାହିଁ ନିଯୁକ୍ତି

**ନୟାଗଡ଼ ଅଫିସ,୧୯।୪**

ହାଇକୋର୍ଟ ଓ ସ୍ୱାସ୍ଥ୍ୟ ସଚିବଙ୍କ ନିର୍ଦ୍ଦେଶକୁ ଅଣଦେଖା କରି କୋଭିଡ୍ ଯୋଦ୍ଧା ତଥା ଛଟେଇ ପାରାମେଡିକାଲ କର୍ମଚାରୀଙ୍କୁ ନୟାଗଡ଼ ଜିଲାରେ ପୁନଃ ନିଯୁକ୍ତି ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଅଣତାଲିମପ୍ରାପ୍ତ

- ଅଣତାଲିମପ୍ରାପ୍ତ ଆଉଟ୍‌ସୋର୍ସିଂ ଷ୍ଟାଫ୍ ପାଉଛନ୍ତି ନିଯୁକ୍ତି
- ଜିଲାପାଳଙ୍କୁ ଫେରାଦ ହେଲେ ପାରାମେଡିକାଲ କର୍ମଚାରୀ

ଆଉଟ୍‌ସୋର୍ସିଂ ଷ୍ଟାଫ୍ ନିଯୁକ୍ତି ପାଉଛନ୍ତି। ଏହାର ପ୍ରତିବାଦରେ ପାରାମେଡିକାଲ କର୍ମଚାରୀ ସୋମବାର ଜିଲାପାଳଙ୍କୁ ଭେଟି ସେମାନଙ୍କୁ ପୁନଃ ନିଯୁକ୍ତି ଦେବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ୨୦୨୦ ଏପ୍ରିଲ ୨୦ରୁ ଦୀର୍ଘ ୯ ମାସ ଧରି ପାରାମେଡିକାଲ କର୍ମଚାରୀ କୋଭିଡ୍ ଷ୍ଟାଫ ଭାବେ ନୟାଗଡ଼ ଜିଲାରେ ସ୍ୱାସ୍ଥ୍ୟ ବିଭାଗରେ କାମ କରିଥିଲେ। ସେ ସମୟରେ କରୋନା କାୟା ବିସ୍ତାର କରି ଚାଲିଥିଲା। ପରେ ୨୦୨୦ ଡିସେମ୍ବର ୩୧ରେ ସେମାନଙ୍କୁ ଛଟେଇ କରାଯାଇଥିଲା। ଏହାପରେ ସେମାନେ ପୁନଃ ନିଯୁକ୍ତି ଦାବିରେ ବାରମ୍ବାର ସିଡିଏମ୍‌ଓ ଓ ଜିଲାପାଳଙ୍କୁ ଭେଟିଥିଲେ। ଏପରିକି ରାଜ୍ୟସ୍ତରରେ ଏକତ୍ରିତ ହୋଇ ପୁନଃ ନିଯୁକ୍ତି ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ। ପରେ ହାଇକୋର୍ଟ ପାରାମେଡିକାଲ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ସରକାରଙ୍କୁ ପରାମର୍ଶ ଦେଇଥିଲେ। ନୂଆ ପଦବୀ ବାହାରିଲେ କୋଭିଡ୍‌ର ପ୍ରଥମ ଫେଜ୍‌ରେ ପାରାମେଡିକାଲ କର୍ମଚାରୀଙ୍କୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ସଚିବ ବି ନିଯୁକ୍ତି ଦିଆଯିବ ବୋଲି କହିଥିଲେ। ଏବେ କରୋନାର ୨ୟ ଲହର ଚାଲିଛି। ଜିଲାର ଡେଡିକେଟେଡ୍ କୋଭିଡ୍ ହେଲ୍‌ଥ ସେଣ୍ଟର (ଡିସିଏଚ୍‌ସି) ଓ କୋଭିଡ୍ କେୟାର ସେଣ୍ଟର (ସିସିସି) କାମ କଲାଣି। ଏପରି ସମୟରେ ପାରାମେଡିକାଲ କର୍ମଚାରୀଙ୍କୁ ନିଯୁକ୍ତି ମିଳିଲା ନାହିଁ। ନିଯୁକ୍ତି ସମୟରେ ହାଇକୋର୍ଟ ଓ ସ୍ୱାସ୍ଥ୍ୟ ସଚିବଙ୍କ ନିର୍ଦ୍ଦେଶକୁ ଅଣଦେଖା କରାଯାଇଥିବାରୁ ପାରାମେଡିକାଲ କର୍ମଚାରୀ ପ୍ରଶ୍ନ ଉଠାଇଛନ୍ତି। ସେମାନଙ୍କୁ ପୁନଃ ନିଯୁକ୍ତି ନ ଦେଇ ଅଣତାଲିମପ୍ରାପ୍ତ ଆଉଟ୍‌ସୋର୍ସିଂ ଷ୍ଟାଫ୍‌ଙ୍କୁ ନିଯୁକ୍ତି ଦେବା କେତେଦୂର ଠିକ୍। ହାଇକୋର୍ଟ ଓ ସ୍ୱାସ୍ଥ୍ୟ ସଚିବଙ୍କ ଆଦେଶକୁ ମାନି ଅନ୍ୟ ଜିଲାରେ ପାରାମେଡିକାଲ କର୍ମଚାରୀ ନିଯୁକ୍ତି ପାଇଛନ୍ତି। କେଉଁ ଜିଲାରେ ୮୦, ୬୦ ଓ ଅନ୍ୟ କେଉଁ ଜିଲାରେ ୯୪% ନିଯୁକ୍ତି ପାଇଛନ୍ତି। ହେଲେ ନୟାଗଡ଼ ଜିଲାରେ ଜଣେ ହେଲେ ପୁନଃ ନିଯୁକ୍ତି ପାଇନାହାନ୍ତି। ଛଟେଇ ହୋଇଥିବା ୧୦୦ ପାରାମେଡିକାଲ କର୍ମଚାରୀ ଏବେ ବହୁ କଷ୍ଟରେ ଜୀବନଯାପନ କରୁଛନ୍ତି। ଏ ନେଇ ପାରାମେଡିକାଲ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦ୍ର ଗଣ୍ଡିଆ କୁହନ୍ତି, ପାରାମେଡିକାଲ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ନ ମିଳିବା ସମ୍ପର୍କରେ ଆମେ ନୟାଗଡ଼ ସିଡିଏମ୍‌ଓଙ୍କୁ ଭେଟିଥିଲୁ। ତେବେ ଫଣ୍ଡ୍ ଅଭାବରୁ ଆମ୍ଭକୁ ନିଯୁକ୍ତି ଦିଆଯାଉ ପାରୁନାହିଁ ବୋଲି କହିଥିଲେ। ଆଉଟ୍‌ସୋର୍ସିଂ ଷ୍ଟାଫ୍ ନିଯୁକ୍ତି ପାଇଁ ଅର୍ଥ କିପରି ମିଳୁଛି ନେଇ କିଛି ଉତ୍ତର ସେ ଦେଇ ନ ଥିଲେ। ଜିଲାପାଳଙ୍କୁ ଭେଟିବା ପରେ ସେ ଦେଖିବେ ବୋଲି କହିଛନ୍ତି।


ଜିଲାପାଳଙ୍କୁ ଫେରାଦ ହେବାକୁ ଆସିଥିବା ପାରାମେଡିକାଲ କର୍ମଚାରୀ।

## ଫାଣ୍ଡି ସମ୍ମୁଖ ଜଳଖିଆ ଦୋକାନରେ ମଦ ବିକ୍ରି

**ନୟାଗଡ ଅଫିସ,୧୯।୪**

ଗୋଡିପଡ଼ା ଫାଣ୍ଡି ସମ୍ମୁଖ ଜଳଖିଆ ଦୋକାନରେ ଅବାଧରେ ମଦ ବିକ୍ରି ହେଉଛି । ଏଠାରେ ପ୍ରାୟ ୧୫ ବର୍ଷରୁ ଊର୍ଦ୍ଧ୍ୱ ହେବ ମଦ ବିକ୍ରି ହୋଇ ଆସୁଥିଲେ ମଧ୍ୟ ଧରପଗଡ କରାଯାଉନାହିଁ। ବିଭିନ୍ନ ସମୟରେ ମଦ ବିକ୍ରି ନେଇ ଅଭିଯୋଗ ହେଉଥିଲେ ମଧ୍ୟ ଫାଣ୍ଡି ପୋଲିସ ଓ ଅବକାରୀ ବିଭାଗର କାର୍ଯ୍ୟାନୁଷ୍ଠାନ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚିଠି ପଠାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଗୋଡିପଡା ବଜାର ଉପରେ ନୂଆ ଜଗନ୍ନାଥସଡକ ପାର୍ଶ୍ୱରେ ଏକ ମୂଲ୍ୟବାନ ଜମିକୁ ଅକ୍ତିଆର କରି ବେଆଇନ ଭାବେ ଜଳଖିଆ ଦୋକାନ ସହ ମଦ ବିକ୍ରି ଚାଲଥିବା ଅଭିଯୋଗ ରହିଛି । ଏ ନେଇ ଶରଣକୁଳ ଥାନା ଅଧିକାରୀ ବିମଳ ମଲ୍ଲିକଙ୍କୁ ପଚାରିବାରେ ଏ ଦିଗରେ ଅନୁଧ୍ୟାନ କରି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ସାନିଟାଇଜ୍ ହେଲା କୋଭିଡ୍ କେୟାର ସେଣ୍ଟର

**ଖଣ୍ଡପଡା,୧୯।୪(ସ୍ୱ.ପ୍ର):** କରୋନା ସଂକ୍ରମିତ ରୋଗୀଙ୍କ ନିମନ୍ତେ ପ୍ରଶାସନର ନିର୍ଦ୍ଦେଶକ୍ରମେ ଖଣ୍ଡପଡା କୋଭିଡ୍ କେୟାର ସେଣ୍ଟରକୁ ପୁନଃ କାର୍ଯ୍ୟକ୍ଷମ କରାଯାଇ ଏଠାରେ ରୋଗୀସେବା ଆରମ୍ଭ ହୋଇଛି। ସର୍ବସାଧାରଣଙ୍କ ହୀତକୁ ଦୃଷ୍ଟିରେ ରଖି ଖଣ୍ଡପଡା ଅଗ୍ନିଶମ କର୍ମଚାରୀମାନେ କୋଭିଡ୍ କେୟାର ସେଣ୍ଟରଟିକୁ ସମ୍ପୂର୍ଣ୍ଣ ରୂପେ ସାନିଟାଇଜ କରିଥିବା ଜଣାପଡିଛି। କୋଭିଡ୍ କେୟାର ସେଣ୍ଟରର ବାହାର ଓ ଭିତରପାର୍ଶ୍ୱ ସାନିଟାଇଜ କରାଯିବା ସହ ଭିତରକୁ ସାଧାରଣ ଲୋକଙ୍କ ଅବାଧ ପ୍ରବେଶ ଉପରେ କଟକଣା ଲାଗୁ କରାଯାଇଛି।

### ଉଲିସାହିରେ କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି



**ଦଶପଲ୍ଲା,୧୯।୪(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ କଳସାଖମଣ ପଞ୍ଚାୟତ ଅଞ୍ଚଳରେ ସୋମବାର ଅପରାହ୍ନ ୩ଟାରେ କାଳବୈଶାଖୀ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅନେକ ଲୋକଙ୍କର ବାଡିରେ ଗଛ ଡାଳ, କଦଳୀ, ନଡିଆ ଗଛ ଭାଙ୍ଗିଥିବା ଖବର ମିଳିଛି। ହଣାଡିହ ଡିମିରିପଲ୍ଲୀ ଗାଁର ରମାକାନ୍ତ ବିଶୋଇ ନାମକ ଜଣେ ଯୁବକ ଚାହା ଜଳଖିଆ ଦୋକାନ କରି ପରିବାର ଚଳାଉଥିଲେ। ସେଇଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ରମାକାନ୍ତଙ୍କ ପରିବାରରେ ବୃଦ୍ଧ ବାପା, ସ୍ତ୍ରୀ ଓ ୨ଟି ପୁଅ ଝିଅ ଅଛନ୍ତି। ତାଙ୍କ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### କର୍କଟ ରୋଗ ସମ୍ପର୍କିତ ସଚେତନତା

**ଖଣ୍ଡପଡା,୧୯।୪(ସ୍ୱ.ପ୍ର):** କର୍କଟ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ସାଧାରଣରେ ସଚେତନତା ସୃଷ୍ଟି ନିମନ୍ତେ ସଚେତନତା କର୍ମଶାଳା ଖଣ୍ଡପଡା ବ୍ଲକ ବେଣାଗାଡିଆ ପଞ୍ଚାୟତର କାଦୁଆ ଗ୍ରାମସ୍ଥିତ ପ୍ରଭୁ ଶ୍ରୀଗତିଶ୍ୱର ଦେବଙ୍କ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। କର୍କଟ ରୋଗ ବିଶେଷଜ୍ଞ ଡା. ସ୍ମିତି ଦାସ, ଡା. ସୁନିଲ ଜୟ ସ୍ୱାଇଁ, ଡା. ସୌରଭ କୁମାର ମିଶ୍ର ପ୍ରମୁଖ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଟବାକୋ ସେବନ କର୍କଟ ରୋଗର ମୁଖ୍ୟ କାରଣ ହୋଇଥିବାରୁ ସମ୍ପୂର୍ଣ୍ଣ ରୂପେ ଏହାକୁ ବର୍ଜନ ପାଇଁ ସେମାନେ ପରାମର୍ଶ ଦେଇଥିଲେ। ପ୍ରାଥମିକ ଅବସ୍ଥାରେ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦିଆଗଲେ କର୍କଟ ରୋଗୀ ଭଲ ହୋଇପାରିବ ବୋଲି ଡାକ୍ତରମାନେ ମତ ଦେଇଥିଲେ। କୋଭିଡ କଟକଣା ମଧ୍ୟରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ଖଣ୍ଡପଡାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ଶିକ୍ଷାବିତ୍ ଶ୍ୟାମସୁନ୍ଦର ରାଉତଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ।

### ନୟାଗଡ଼ରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୦ ହେଲା

**ନୟାଗଡ଼ ଅଫିସ,୧୯।୪:** ନୟାଗଡ଼ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁଦିନ ବଢ଼ି ଚାଲିଛି। ସୋମବାର ୫୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୪୪ରେ ପହଞ୍ଚିଛି। ତେବେ ଏଥିରୁ ୭୨ ସୁସ୍ଥ ହୋଇଥିବା ଜଣାପଡିଛି। ଜିଲାରେ ୫୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଭୟ ବଢ଼ିଛି। ଅନ୍ୟପକ୍ଷେ କୁମ୍ଭମେଳାରୁ ନୟାଗଡରୁ ଜଣେ ଫେରିଥିଲେ। ସେ ଫେରିବା ପରେ କରୋନା ଆକ୍ରାନ୍ତ ହୋଇଥିଲେ। ତେବେ ଆଉ କେତେଜଣ କୁମ୍ଭମେଳରୁ ଫେରିଛନ୍ତି ତାର ହିସାବ ପ୍ରଶାସନ ନିକଟରେ ନାହିଁ।

### ଆଇଆଇସିଙ୍କ ସମେତ ୩ କରୋନା ଆକ୍ରାନ୍ତ

**ନୟାଗଡ଼ ଅଫିସ,୧୯।୪:** ନୟାଗଡ଼ ଟାଉନ ଥାନା ଆଇଆଇସିଙ୍କ ସମେତ ୩ଜଣ ପୋଲିସ କର୍ମଚାରୀଙ୍କର କରୋନା ପଜିଟିଭ୍ ସୋମବାର ପରୀକ୍ଷଣ ପରେ ଜଣାପଡିଛି। ନିଜେ ଆଇଆଇସି ଜୟଦୀପ ମହାନ୍ତି ଏପରି ସୂଚନା ଦେଇଛନ୍ତି। କରୋନା ପରୀକ୍ଷଣ ପରେ ଆଇଆଇସି ହୋମ ଆଇସୋଲେଶନରେ ଅଛନ୍ତି। ଏହା ଜଣାପଡିବା ପରେ ସାଧାରଣରେ ଭୟ ସୃଷ୍ଟି ହୋଇଛି। କାରଣ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସମାନେ ଅନେକ ଲୋକଙ୍କ ସମ୍ପର୍ଶରେ ଆସିଥିବାରୁ ମଙ୍ଗଳବାର ଟାଉନ ଥାନା କର୍ମଚାରୀଙ୍କର କରେନା ଟେଷ୍ଟ କରାଯିବ ବୋଲି ଜଣାପଡିଛି।

# ସାର ଦରବୃଦ୍ଧିର ପ୍ରତିବାଦ: ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର



ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଭେଟିବାକୁ ଆସିଥିବା ଚାଷୀ ଓ କୃଷକ ନେତାମାନେ।

**ନୟାଗଡ଼ ଅଫିସ,୧୯।୪**

ସାରର ଦରବୃଦ୍ଧିକୁ କୃଷକ ନେତା ଓ ଚାଷୀମାନେ ବିରୋଧ କରିଛନ୍ତି। ଏ ନେଇ ନୟାଗଡ଼ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପଠାଇଛନ୍ତି। ଅଭିଯୋଗ ଅନୁସାରେ, ସାରର ମୂଲ୍ୟବୃଦ୍ଧି କୃଷକଙ୍କୁ କୃଷି ପ୍ରତି ବିମୁଖ କରିବ। ଏଣୁ ସାରର ମୂଲ୍ୟବୃଦ୍ଧିକୁ ରୋକାଯାଉ। କମ୍ପାନୀମାନଙ୍କର ମନଇଚ୍ଛା ସାର ମୂଲ୍ୟ ବୃଦ୍ଧି ଉପରେ ଲଗାମ ଲଗାଯାଉ। ଅନ୍ୟପକ୍ଷେ ଦିଲ୍ଲୀରେ ଆନ୍ଦୋଳନ କରୁଥିବା ଚାଷୀମାନଙ୍କ ଦାବିକୁ ଗ୍ରହଣ କରି ତୁରନ୍ତ ଚାଷୀ ବିରୋଧୀ ୩ କଳା ଆଇନକୁ ପ୍ରତ୍ୟାହାର କରାଯାଉ। ମହାମାରୀ କରୋନା ସମୟରେ ଚାଷୀଙ୍କୁ ଅଯଥାରେ ହଇରାଣ କରା ନ ଯାଉ। ଏ ନେଇ ଓଡ଼ିଶା କୃଷକ ସଭାର ନୟାଗଡ଼ ଜିଲା ଶାଖା ପକ୍ଷରୁ କୃଷକ ନେତା ଗୋଲକ ବିହାରୀ ମୁଦୁଲି, ପବିତ୍ର ଇନ୍ଦ୍ରଜିତ୍, ସରୋଜ ନାୟକ, ସନ୍ତୋଷ ଦାସ ପ୍ରମୁଖ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଭେଟି ସ୍ମାରକପତ୍ର ଦେଇଥିଲେ।

## ବୃଦ୍ଧାଙ୍କ ମୃତଦେହ କୂଅରୁ ଜବତ, କାରଣ ଅସ୍ପଷ୍ଟ

**ଓଡ଼ଗାଁ, ୧୯।୪(ସ୍ୱ.ପ୍ର.)**

ଓଡଗାଁ ଆଦର୍ଶ ଥାନା ବାହାଡାଝୋଲା ଫାଣ୍ଡି ଚୌଧୁରୀସାହିରୁ ଜଣେ ବୃଦ୍ଧାଙ୍କ କୂଅରୁ ମୃଦଦେହ ସୋମବାର ଅପରାହ୍ନରେ ଜବତ ହୋଇଛି। ହେଲେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମୃତକ ସେହି ଗ୍ରାମର ଶିକ୍ଷକ ସୁରେଶ ସାହୁଙ୍କ ମା' ଧୋବୁଣୀ(୮୦) ବୋଲି ଜଣାପଡିଛି। ଧୋବଣୀ ପରିଣତି ବୟସରେ ଏକାକୀ ଘରେ ରହୁଥିଲେ। ତାଙ୍କର ଏକମାତ୍ର ପୁଅ ସୁରେଶ ଗାଁ ହାଇସ୍କୁଲରେ ଶିକ୍ଷକ ହୋଇଥିଲେ ସୁଦ୍ଧା ସେ ମା'ଙ୍କୁ ଗାଁରେ ଛାଡି ଭୁବନେଶ୍ୱରରେ ସପରିବାର ରହୁଥିବା ଜଣାପଡିଛି। ହେଲେ ଅପରାହ୍ନରେ ଘରେ କେହି ନ ଥିବା ବେଳେ ବୃଦ୍ଧା କୂଅରେ ପଡିଯାଇଥିବା ନେଇ ପଡୋଶୀମାନେ ହେଲପ ଲାଇନକୁ ଫୋନ କରିଥିଲେ। ସ୍ଥାନୀୟ ଅଗ୍ନିଶମ ବାହିନୀ ହାବିଲଦାର ପ୍ରଫୁଲ୍ଲ କୁମାର ନାୟକ, ସୁନୀଲ କୁମାର ନାୟକ ଓ ସହଯୋଗୀମାନେ ଘଟଣାସ୍ଥଳରେ ପହଞ୍ଚ ଅପରାହ୍ନ ସାଢେ ୫ଟାରେ ବୃଦ୍ଧାଙ୍କ ମୃତଦେହ କୂଅରୁ ଉଦ୍ଧାର କରିଥିଲେ। ଏବଂ ଅଗ୍ନିଶମ ବାହିନୀ ବୃଦ୍ଧାଙ୍କ ମୃତଦେହକୁ ଫାଣ୍ଡି ଅଧିକାରୀ ଅନ୍ତର୍ଯ୍ୟାମୀ ଦାଶଙ୍କୁ ହସ୍ତାନ୍ତର କରିଥିବା ସୂଚନା ଦେଇଛନ୍ତି। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରିବା ପରେ ମୃତ୍ୟୁର ଅସଲ କାରଣ ଜଣାପଡିବ ବୋଲି କହିଛନ୍ତି।

# ସହାୟତା ପାଇଁ ଜିଲାପାଳଙ୍କୁ ଭେଟିଲେ ମହିଳା


ସ୍ୱାମୀଙ୍କୁ ଧରି ସ୍ତ୍ରୀ ସହାୟତା ଯୋଗାଇ ଦେବା ଲାଗି ଜିଲାପାଳଙ୍କୁ ଭେଟୁଛନ୍ତି।

**ନୟାଗଡ଼ ଅଫିସ,୧୯।୪**

ମହିଳାଙ୍କ କୌଣସି ରୋଜଗାର ନ ଥିବାବେଳେ ପୁଅ ପରେ ସ୍ୱାମୀଙ୍କ ବୋଝ ସମ୍ଭାଳିବା କଷ୍ଟକର ହୋଇପଡିଛି। ପର ଘରେ କାମ କରି, ଭିକ୍ଷା ବୃତ୍ତି କରି ବାପ, ପୁଅ ସମେତ ୩ ଜଣ କିପରି ଚଳିବେ ମହିଳା ଚିନ୍ତାରେ ପଡ଼ିଛନ୍ତି। ସୋମବାର ରୋଗାକ୍ରାନ୍ତ ସ୍ୱାମୀଙ୍କୁ ସାଙ୍ଗରେ ଧରି ଜିଲାପାଳଙ୍କୁ ଭେଟି ନିଜର ଦୁଃଖ ଜଣାଇଛନ୍ତି ରଣପୁର ବ୍ଲକ ରାଜସୁନାଖଳାର ବିଳାସ ଦାସ। ବିଳାସଙ୍କ ସୂଚନା ଅନୁସାରେ, ୨୮ ବର୍ଷର ପୁଅର ମୁଣ୍ଡ କାମ କରୁନି। ବାର୍ଦ୍ଧକ୍ୟ ଅବସ୍ଥାରେ ସେ ପୋଷିବା ବଦଳରେ ମୋତେ ପୋଷିବାକୁ ପଡୁଛି। ପ୍ରଥମେ

### ପୁଅ ପରେ ସ୍ୱାମୀଙ୍କ ବୋଝ

ପୁଅ ମାନସିକ ବିକୃତ ହୋଇ ଏଣେତେଣେ ବୁଲିଲା। ପୁଅକୁ ଭଲ କରିବାକୁ ପାଖରେ ଟଙ୍କା ନାହିଁ। ସେପଟେ ରୋଜଗାର କରୁଥିବା ସ୍ୱାମୀ ୨ବର୍ଷ ତଳେ ପଡ଼ିଯାଇ ଅକର୍ମଣ୍ୟ ହୋଇଗଲେ। କେବଳ ସେ କଥା ବୁଝି ପାରୁଛନ୍ତି। ଆଉ କିଛି କରି ପାରୁନାହାନ୍ତି। ମୋ ସ୍ୱାମୀ ଲକ୍ଷ୍ମୀଧର ଭଲ ଥିଲାବେଳେ ଆମ ପରିବାର ହସଖୁସିରେ ଚଳୁଥିଲା। ଅନ୍ୟପକ୍ଷେ ସ୍ୱାମୀଙ୍କର ବାର୍ଦ୍ଧକ୍ୟ ଭତ୍ତାରେ ସମସ୍ତଙ୍କ ଔଷଧ ଖର୍ଚ୍ଚ ହେଉଛି। ଜିଲାପାଳଙ୍କୁ ଭେଟିବା ପରେ ସେ ଆଶ୍ୱାସନା ଦେଇ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି।

# ଦୁର୍ଘଟଣାରେ ୨ ଛାତ୍ର ଗୁରୁତର

**ଖଣ୍ଡପଡା,୧୯।୪(ସ୍ୱ.ପ୍ର)**

ଖଣ୍ଡପଡା ଥାନା ବାଣପୁର-କୁମୁଣ୍ଡି ୪୮ ନଂ. ରାଜ୍ୟ ରାଜପଥର ଚୈତନ୍ୟପୁର ଗାଁକୁ ସଂଯୋଗ କରୁଥିବା ଆରଡି ରାସ୍ତା ନିକଟରେ ସୋମବାର ଅପରାହ୍ନରେ ଏକ ଟାଟାଏସି ଗାଡି ସହ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ସ୍କୁଟି ଯୋଗେ ଆସୁଥିବା ୨ଜଣ ଛାତ୍ର ରାସ୍ତାରେ ଛିଟିକି ପଡିବା ସହ ଗୁରୁତର ଆହତ ହୋଇଥିଲେ। ଅପରପକ୍ଷରେ ଟାଟାଏସି ଗାଡିଟି ରାସ୍ତାର ମହାନଦୀ ପାର୍ଶ୍ୱ ଚାଷଜମିର ପ୍ରାୟ ୧୦ ଫୁଟ ତଳକୁ ଖସି ପଡିଥିଲା। ଗୁରୁତର ଛାତ୍ରଦ୍ୱୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ବଡବାଣପୁର ଗ୍ରାମ ଜଗନ୍ନାଥସାହିର ଛାତ୍ର କପିଳା ରାଉତ(୧୫) ଓ କାହ୍ନୁ ବେହେରା(୧୫)। ସେମାନଙ୍କର ଦୁର୍ଘଟଣାରେ ଗୋଡ ୨ଟି ଭାଙ୍ଗି ଯାଇଥିବା ବେଳେ ମୁଣ୍ଡରେ ଆଘାତ ଲାଗିଥିବା ଜଣାଯାଇଛି। ସ୍ଥାନୀୟ ବାସିନ୍ଦା ଘଟଣାସ୍ଥଳରୁ ଆହତ ୨ଛାତ୍ରଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମାତ୍ର ସ୍ୱାସ୍ଥ୍ୟବସ୍ଥା ଉନ୍ନତି ନ ଆସିବାରୁ ଉଭୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନଟିକୁ ଖଣ୍ଡପଡା ପୋଲିସ ଜବତ କରି ଘଟଣାର ତଦନ୍ତ ଚଳାଇଥିବା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କଠାରୁ ପ୍ରକାଶ। ପିକ୍‌ଅପ ଭ୍ୟାନ ଚାଳକ ଦୀପକ ନାଏକ(୩୦), ହେଲପର ବିନୋଦ ଦାସ(୧୮) ଓ ଜଗନ୍ନାଥ ପ୍ରଧାନଙ୍କୁ ପୋଲିସ ଅଟକ ରଖି ଏ ସମ୍ପର୍କରେ ଏକ ମାମଲା ରୁଜୁ କରିଛ। ସୂଚନାଯୋଗ୍ୟ ଉଭୟ ଛାତ୍ର ବଡବାଣପୁର ବସନ୍ତ କୁମାର ବିଦ୍ୟାପୀଠର ୧୦ ଶ୍ରେଣୀର ପଢୁଛନ୍ତି।


ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନଟି ରାସ୍ତାପାର୍ଶ୍ୱ ଜମିକୁ ଖସି ପଡିଛି।

# ଦରଦାଠାରେ ବାସନ୍ତିକ ଦୁର୍ଗାପୂଜା

**ଖଣ୍ଡପଡା,୧୯।୪(ସ୍ୱ.ପ୍ର)**

ଖଣ୍ଡପଡା ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତ ଦରଦା ଗ୍ରାମସ୍ଥିତ ମହିଷାସୁଣୀ ପୀଠରେ ସୋମବାର ଚୈତ୍ର ୭ମୀଠାରୁ ବୁଧବାର ନବମୀ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ବାସନ୍ତିକ ଦୁର୍ଗା ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ମହୁଲପଡା, ଦରଦା ଗ୍ରାମବାସୀଙ୍କ ପକ୍ଷରୁ ୩ଦିନ ବ୍ୟାପୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି । ଆଜିର ପ୍ରଥମ ଦିନରେ ନୟାଗଡ ଭାଟସାହିର ବାଦି ଦୁଆରୀ ଓ ରାତିରେ ରାମଲୀଳା ପରିବେଷଣ ହୋଇଛି। ପ୍ରଥମ ଦିବସରେ ଠାକୁରାଣୀଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ଏଠାର ଆଖପାଖ ଅଞ୍ଚଳର ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଶ୍ରୀରଘୁନାଥଜୀଉଙ୍କ ରାମ ନବମୀ ଯାତ୍ରା ବନ୍ଦ


ଓଡ଼ଗାଁ ଶ୍ରୀରଘୁନାଥଜୀଉ ମନ୍ଦିରରେ ପୂଜା ପାଉଥିବା ଶ୍ରୀରାମ, ସୀତା ଓ ଲକ୍ଷ୍ମଣ।

**ଓଡ଼ଗାଁ, ୧୯।୪(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ପ୍ରସିଦ୍ଧ ଶ୍ରୀରାମ ନବମୀ ଯାତ୍ରା-୨୦୨୧କୁ ପ୍ରଶାସନ ବନ୍ଦ କରିଛନ୍ତି। ଆସନ୍ତା ୨୧ ତାରିଖଠାରୁ ମେ ୨ ପର୍ଯ୍ୟନ୍ତ ହେବାକୁ ଥିବା ଶ୍ରୀରାମ ନବମୀ ଯାତ୍ରା କେବଳ ଆବଶ୍ୟକ ସେବକଙ୍କ ଦ୍ୱାରା କୋଭିଡ୍ ନିୟମକୁ ପାଳନ ପୂର୍ବକ ଶ୍ରୀଜୀଉଙ୍କ ନୀତିକାନ୍ତି ସମ୍ପନ୍ନ କରାଯିବାକୁ କୁହାଯାଇଛି। ବିଶେଷତଃ ଏହି ଦିନଗୁଡିକରେ ସାଧାରଣ ଦର୍ଶନକୁ ସମ୍ପୂର୍ଣ୍ଣ ମନା କରାଯାଇଛି। ପୂର୍ବରୁ ଉପଜିଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ଲଗ୍ନଜିତ୍ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ

- ନୀତିକାନ୍ତିରେ ସୀମିତ ରହିବ
- ୯ଦିନ ସାଧାରଣ ଦର୍ଶନ ମନା

କୋଭିଡ କଟକଣା ମଧ୍ୟରେ ସାଧାରଣ ଧାଡି ଦର୍ଶନ ନିମନ୍ତେ ଅନୁମତି ରହିଥିଲା। ହେଲେ ସମ୍ପ୍ରତି କରୋନା ସଂକ୍ରମଣ ବୃଦ୍ଧି ପାଉଥିବା ଦୃଷ୍ଟିରେ ରଖି ଜିଲା ପ୍ରଶାସନ ସୋମବାର ଏ ନେଇ ବିଜ୍ଞପ୍ତି ମାଧ୍ୟମରେ ଏଭଳି ନିଷ୍ପତ୍ତି ନେଇଛି। ଏ ସମ୍ପର୍କରେ ସମସ୍ତ ପ୍ରଶାସନିକ ଅଧିକାରୀ, ପୋଲିସ, ପୂଜକ ଓ ସୁଆର ପରିଷଦ କର୍ମକର୍ତ୍ତାଙ୍କୁ ଜଣାଇ ଦିଆଯାଇଛି। ଏହାକୁ କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ରହିଛି।

# ଭୋକର ଦାଉ: ଅଇଁଠାପତ୍ର ଚାଟିଲେ ବୃଦ୍ଧ

**ନୟାଗଡ଼ ଅଫିସ,୧୯।୪**

ପେଟର ଭୋକ ମେଣ୍ଟାଇବାକୁ ଅଇଁଠାପତ୍ର ଜଣେ ବୃଦ୍ଧ ଚାଟୁଥିବା ଦେଖିବାକୁ ମିଳିଛି। ହେଲେ ତାଙ୍କ ଭୋକ ମେଣ୍ଟିଲାନି। ପୁଣି ଖୋଜିଥିଲେ ଆଉ କେଉଁଠାରେ ଖାଦ୍ୟ ପଡିଛି କି! ସେପରି ସ୍ଥାନ ନ ପାଇ ଭାଗ୍ୟକୁ ଆଦରି ଭୋକିଲା ରହିଗଲେ। ଏଭଳି ଘଟଣା ଦେଖିବାକୁ ମିଳିଛି ରବିବାର ରାତି ପ୍ରାୟ ସାଢ଼େ ୧୦ଟାରେ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ କଡ଼ରେ। ବୃଦ୍ଧଙ୍କ ନାଁ ଓ ଠିକଣା ଜଣାପଡିନାହିଁ। ବୃଦ୍ଧଙ୍କର ଏପରି ଦୁଃଖ ଦେଖିଲେ ସରକାରଙ୍କର 'ଆହାର' ସମେତ ଅନ୍ୟ ଯୋଜନା ଉପରେ ପ୍ରଶ୍ନ ଉଠିଛି।

କରୋନାର ୨ୟ ଲହର ପାଇଁ ସରକାରଙ୍କ ଘୋଷଣା ମୁତାବକ, ରାଜ୍ୟର ୨୦ ଜିଲାର ସବୁ ସହରାଞ୍ଚଳରେ ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ଲାଗୁ ହୋଇଛି। ନିୟମ ମୁତାବକ ରବିବାର ରାତିରେ ନାଇଟ୍ କର୍ଫ୍ୟୁ ଯୋଗୁ ଦଶପଲ୍ଲା ସହର ଶୂନ୍‌ଶାନ ହୋଇ ଯାଇଥାଏ। ରାତି ପ୍ରାୟ ସାଢ଼େ ୧୦ଟା ପରେ ରାସ୍ତାକଡ଼ରେ ଜଣେ ବୃଦ୍ଧ ଅଳିଆଗଦା ନିକଟରେ ପହଞ୍ଚି ଥିଲେ। ସେଠାରେ ଫୋପଡ଼ା ଯାଇଥିବା ଚାର୍ଟ ପ୍ଲେଟରୁ ଚାର୍ଟ ଖାଇଲେ। ମୃଦୁ ପାନୀୟ କାଗଜ ପ୍ୟାକେଟକୁ ଚିରି ଭୋକ ମେଣ୍ଟାଇବାକୁ ଚେଷ୍ଟା କରିଥିଲେ। ଏ ନେଇ ଜିଲାପାଳ ପୋମା ଟୁଡୁ କୁହନ୍ତି, ମୁଁ ବୃଦ୍ଧ ଅଇଁଠାପତ୍ର ଖାଉଥିବାର ଭିଡିଓଟିକୁ ଦେଖିବା ପରେ ତୁରନ୍ତ ସମ୍ପୃକ୍ତ ବୃଦ୍ଧଙ୍କୁ ଚିହ୍ନଟ କରିବାକୁ କହିଛି। ଦଶପଲ୍ଲାରେ ଆମର ଶେଲ୍ଟର ହୋମ୍ ରହିଛି। ଆମେ ଶୀଘ୍ର ତାଙ୍କୁ ଉଦ୍ଧାର କରି ସେଠାରେ ରଖିବାକୁ ଚେଷ୍ଟା କରିବୁ। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା କୁହନ୍ତି, ମୁଁ ଜାଣି ନ ଥିଲି। ଆପଣମାନଙ୍କଠାରୁ ଶୁଣିବାକୁ ପାଇଲି ବୃଦ୍ଧଙ୍କର ଅଇଁଠାପତ୍ର ଚାଟିବା ସମ୍ପର୍କରେ। ସରକାରଙ୍କର ବିଭିନ୍ନ ଯୋଜନା ସହ ବୃଦ୍ଧାଶ୍ରମ ଓ ଆହାର କେନ୍ଦ୍ର ଖୋଲା ଅଛି। ଯଦି ମାନସିକ ବିକାରଗ୍ରସ୍ତ ହୋଇଥା'ନ୍ତି, ତେବେ ଅଲଗା କଥା। ଯଦି ମାନସିକ ବିକାରଗ୍ରସ୍ତ ନ ଥିବେ, ତେବେ ତାଙ୍କୁ ସରକାରଙ୍କର ବିଭିନ୍ନ ଯୋଜନାରେ ଥଇଥାନର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

## ସରକାରୀ ଯୋଜନା ଉପରେ ଉଠିଲା ପ୍ରଶ୍ନ


ଦଶପଲ୍ଲାଠାରେ ଜଣେ ବୃଦ୍ଧ ଭୋକ ମେଣ୍ଟାଇବାକୁ ଅଇଁଠା ପତ୍ରରୁ ଖାଦ୍ୟ ସଂଗ୍ରହ କରୁଛନ୍ତି।

### ସମାନ ଦୃଶ୍ୟ ଥିଲା ନୟାଗଡ଼ରେ

ନୟାଗଡ଼ କଲେଜ ସମ୍ମୁଖରେ ଜଣେ ଅଜଣା ବୃଦ୍ଧ ଅଳିଆଗଦାରୁ ଖୋଜି ଖୋଜି ଫୋପଡ଼ା ଯାଇଥିବା ଖାଦ୍ୟ ଖାଉଥିଲେ। ରବିବାର ରାତି ୧୧ଟା ବେଳେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ତେବେ କ୍ୟାମେରାକୁ ଦେଖି ବୃଦ୍ଧ ଦୂରକୁ ଚାଲିଗଲେ। ପଚାରିବାରୁ କିଛି ନ କହି କେବଳ ହସିଥିଲେ। ପରେ ସେ ସ୍ଥାନ ଛାଡ଼ି ପଳାଇ ଯାଇଥିଲେ। ବୃଦ୍ଧଙ୍କର ଚାଲିଚଳଣିକୁ ଅନୁଧ୍ୟାନ କଲେ ସେ ଜଣେ ମାନସିକ ବିକାରଗ୍ରସ୍ତ ବୋଲି ଅନୁମାନ କରାଯାଉଛି। ତେବେ ଏଠାରେ ବୃଦ୍ଧଙ୍କର ଫଟୋ ଅଥବା ଭିଡିଓ ଉଠାଯାଇ ପାରିନି। ଦଶପଲ୍ଲାରେ ବୃଦ୍ଧଙ୍କର ଭିଡିଓ ଓ ଫଟୋ ଉଠାଯାଇଥିବାରୁ କିଛି ଲୋକ ଏହାକୁ ଭାଇରାଲ କରୁଛନ୍ତି। ଏଭଳି ଦୃଶ୍ୟ ବିଭିନ୍ନ ସମୟରେ ନୟାଗଡ଼ ଜିଲାରେ ଦେଖିବାକୁ ମିଳୁଛି। ହେଲେ ଏ ଦିଗରେ ସରକାରଙ୍କର ପଦକ୍ଷେପ ନାହିଁ। ଅନ୍ୟପକ୍ଷେ ନାଇଟ୍ କର୍ଫ୍ୟୁ ଯୋଗୁ ଏବେ କିଛି ଏଭଳିଆ ଦୃଶ୍ୟ ନଜରକୁ ଆସିଛି।